## ଆଜି କ'ଣ କେଉଁଠି

ଯାଜପୁର

- ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ। ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ: ପୂର୍ବାହ୍ନ ୮ଟା।
- -ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଅଭିଯାନ। ସ୍ଥାନ: ଯାଜପୁର ବରାହନାଥ ୱାର୍ଡ-୧। ସମୟ: ପୂର୍ବାହ୍ନ ୧୦ଟା।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୧୯୭ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

ରସୁଲପୁର,୨୪।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୭ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିବା ସହ ଡାକ୍ତରୀ ପରୀକ୍ଷା କରାଇଥିଲେ। ଡାକ୍ତରୀ ଦଳ ପରୀକ୍ଷା କରିବା ପରେ ଆବଶ୍ୟକ ଯନ୍ତ୍ରାଂଶ ଓ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି।

ଏଥିରେ ଶାରିରୀକ ଦିବ୍ୟାଙ୍ଗ ୮୯ଜଣ ନାମ ପଞ୍ଜୀକରଣ କରିଥିବାବେଳେ ୭୫ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ ପାଇଁ ସୁପାରିସ କରାଯାଇଛି। ଦୃଷ୍ଟିବାଧିତ ୨୭ଜଣଙ୍କ ମଧ୍ୟରୁ ୨୨, ଶ୍ରବଣ ବାଧିତ ୩୧ଜଣଙ୍କ ମଧ୍ୟରୁ ୩୧, ମାନସିକ ଅସନ୍ତୁଳନ ସମସ୍ୟା ସମ୍ପର୍କିତ ସମସ୍ତ ୩୪ ଓ ଜରାବ୍ୟାଧି, ହୃଦ୍‌ରୋଗ ଏବଂ ଉଚ୍ଚ ରକ୍ତଚାପ ଜନିତ ଭଳି ବିଭିନ୍ନ ସମସ୍ୟାକୁ ନେଇ ୧୬ଜଣ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ସେଥିଧରୁ ୧୨ଜଣଙ୍କୁ ମାଗଣା ଔଷଧପତ୍ର ଓ ଡାକ୍ତରୀ ପରାମର୍ଶ ପ୍ରଦାନ କରାଯାଇଛି। ଏଭଳି ଭାବରେ ୧୯୭ ଶିବିରାର୍ଥୀଙ୍କ ମଧ୍ୟରୁ ୧୭୪ଜଣଙ୍କୁ ପ୍ରମାଣପତ୍ର ଓ ଅନ୍ୟାନ୍ୟ ଉପଯୋଗୀ ପ୍ରମାଣପତ୍ର ବଣ୍ଟନ ନେଇ ସୁପାରିସ କରାଯାଇଛି। ସେମାନଙ୍କୁ ଅନଲାଇନରେ ପ୍ରମାଣପତ୍ର ପ୍ରଦାନ କରାଯିବ। କୌଣସି ସମସ୍ୟା ଉପୁଜିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତଙ୍କ ସହ ଯୋଗାଯୋଗ କରିବାକୁ ସୂଚନା ପ୍ରଦାନ କରାଯାଇଛି। ଏହାଛଡ଼ା ୪ ଦିବ୍ୟାଙ୍ଗକୁ ୩ଚକିଆ ସାଇକେଲ, ୬ଜଣଙ୍କୁ ଚକଲଗା ଚୌକି, ୫ଜଣଙ୍କୁ ହାତବାଡ଼ି, ୨ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା, ୧୦ଜଣଙ୍କୁ ବସ୍ ଓ ଟ୍ରେନ ଯାତ୍ରା ପାଇଁ ରିହାତି ପାସ୍, ଦୃଷ୍ଟିବାଧିତ ବାଡ଼ି ୨ଜଣ, କାଖଲଗା ବାଡି ୨ଜଣଙ୍କୁ ମିଶାଇ ମୋଟ୍ ୩୪ଜଣଙ୍କୁ ଦିବ୍ୟାଙ୍ଗ ଉପକରଣ ପ୍ରଦାନ ପାଇଁ ସୁପାରିସ କରାଯାଇଛି। ୨ ଜଣଙ୍କୁ ତିନିଆ ଚକିଆ ସାଇକେଲ, ୨ଜଣଙ୍କୁ ଦୃଷ୍ଟିବାଧିତ ଯନ୍ତ୍ରାଂଶଙ୍କ ସମେତ ମୋଟ ୩ଜଣଙ୍କୁ ଉପକରଣ ବଣ୍ଟନ କରାଯାଇଛି।

କୌଣସି ଦିବ୍ୟାଙ୍ଗକୁ ଗ୍ରାମୀଣ ଆବାସ କାର୍ଯ୍ୟାଦେଶ, ବ୍ୟାଙ୍କ ଋଣ, ଶିକ୍ଷାଗତ ସହାୟତା, ମିଶନ କ୍ଷମତା, ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ମାଗଣା ଲାପଟପ୍ ଓ ବାଣୀଶ୍ରୀ ଭତ୍ତା, କର୍ମ ନିଯୁକ୍ତି ସଂସ୍ଥାନରେ ନାମ ପଞ୍ଜୀକରଣ ସୁବିଧା ମିଳି ନ ଥିବା ଜଣାଯାଇଛି। ଏ ଦିଗରେ କେହି ନାମ ପଞ୍ଜୀକରଣ କରି ନ ଥିଲେ ବୋଲି ସୂଚନା ମିଳିଛି। ବ୍ଲକ ପକ୍ଷରୁ ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ୭ କାଉଣ୍ଟର ଖୋଲାଯାଇଥିଲା। ୫ କାଉଣ୍ଟରରେ ନାମ ପଞ୍ଜୀକରଣ କରାଯାଇଥିଲା। ୨ କାଉଣ୍ଟରରେ ଆବେଦନକାରୀଙ୍କୁ ସୂଚନା ଦେବା ସହ ଉପଯୁକ୍ତ କାଉଣ୍ଟରରେ ପହଞ୍ଚାଇବା ପାଇଁ ଉପଲବ୍ଧ ଥିଲା।

ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟାକନ୍ତି, ମାନସିକ ଡା. ମାନସ ରଞ୍ଜନ ମହାଲିକ, ଚକ୍ଷୁ ବିଭାଗ ଡା. ସ୍ନେହାଶିଷ ଦୀକ୍ଷିତ, ନାଶା, ଗଳା, କର୍ଣ୍ଣ ବିଭାଗ ଡାକ୍ତର ଗୁରୁଗୋବିନ୍ଦ ମହାଲିକ, ଭେଷଜ ବିଭାଗ ଡା. ପ୍ରଭାସ ରଞ୍ଜନ ପଣ୍ଡା, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସଚୀନ୍ଦ୍ର କୁମାର ଦାଶ, ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ ଓ ପ୍ରଣତି ଜେନା ପ୍ରମୁଖ ଯୋଗଦେଇଥିଲେ।


ଶିବିରରେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟେଣ୍ଟ କର୍ମଚାରୀଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୪।୧(ପ୍ରଦୀପ୍ତ କୁମାର ପୃଷ୍ଟି):

୧୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଟେଣ୍ଟ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳର କୈଳାସ ଚନ୍ଦ୍ର ସାହୁଙ୍କ ପୁଅ ସୁବାସ ଚନ୍ଦ୍ର ସାହୁ(୨୦)। ଏଭଳି ଏକ ଘଟଣା ଘଟିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ବଜାରରେ। ଏହି ବଜାରରେ ଥିବା ଏକ ଘର ଛାତରେ ଟେଣ୍ଟ ବନ୍ଧା ହେଉଥିଲା। ଛାତ ଉପର ଦେଇ ୧୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ସୁବାସ ଟେଣ୍ଟ ବାଉଁଶ ବାନ୍ଧିବା ସମୟରେ ଜାଣି ନ ପାରି ବାଉଁଶ ବୁଲାଇବାରୁ ଏହା ବିଦ୍ୟୁତ୍ ତାରରେ ବାଜିଥିଲା। ଫଳରେ ସୁବାସ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ.୨୧୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଫୌଜ ଇଣ୍ଡିଆର ପ୍ରତିଷ୍ଠା ଦିବସ

ଧର୍ମଶାଳା,୨୪।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ପଣ୍ଡୁଆଠାରେ ଫୌଜ ଇଣ୍ଡିଆର ୨୪ତମ ପ୍ରତିଷ୍ଠା ଦିବସ ସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶୁଶୀଲ ମହାନ୍ତି ଯୋଗଦେଇ ଫୌଜ ଇଣ୍ଡିଆର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁକ୍ତ ୨ କଳାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ଆଷା କୁଣ୍ଡୁ ଓ ମିନୁ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ରଚନା, ତର୍କ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଫୌଜ ଇଣ୍ଡିଆ ଉପସଭାପତି ସୁଶାନ୍ତ ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ କାହ୍ନୁଚରଣ ମଲିକ, ସେକ୍ ରହିମ, କେଦାର ବାରିକ, ଅରବିନ୍ଦ ମଲିକ, କେଶବ ଚନ୍ଦ୍ର ଜେନା, ବିଶ୍ୱରଞ୍ଜନ ପରିଡ଼ା, ପ୍ରଦୀପ ପରିଡ଼ା, ମନୋଜ ବେହେରା, ମଧୁସ୍ମିତା ସେଠୀ, ବନଜ୍ୟୋତ୍ସ୍ନା ରାଉଳ ଓ ଉର୍ମିଳା ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମାନସୀ ମଲିକ ସଭାପରିଚାଳନା କରିଥିବାବେଳେ ଉପଦେଷ୍ଟା ଧରଣୀଧର ସାହୁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସୁଭ୍ରାଂଶୁ କୁମାର ମଲିକ ଧନ୍ୟବାଦ ଦେଇଥିଲେ।



ଫୌଜ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଷଣ୍ଢ ବୋଝେଇ ଗାଡ଼ି ଚାଳକ ଗିରଫ

ପାଣିକୋଇଲି,୨୪।୧(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ରାମପୁର ଶଗଡ଼ି ଗ୍ରାମରୁ ଜବତ ହୋଇଥିବା ଷଣ୍ଢ ବୋଝେଇ ଗାଡ଼ିର ଚାଳକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଭଦ୍ରକ ସାହାସାହିର ସେକ୍ ଜମିରୁଦ୍ଦିନ। ଗାଡ଼ି ନଂ.ଓଡି-୦୫-ବିଏ-୩୫୬୫କୁ ପୋଲିସ ଗତ ୧୭ ତାରିଖରେ ଜବତ କରିବା ସହ ଶତାଧିକ ଷଣ୍ଢକୁ ଉଦ୍ଧାର କରି ଛାଡ଼ିଥିଲା। ଏହି ସମୟରେ ଚାଳକ ଓ ବେପାରୀ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ଏକ ମାମଲା ନଂ.୪୪।୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଓଡ଼ିଆ ସାହିତ୍ୟ, ଜଗନ୍ନାଥ ସଂସ୍କୃତିର ପ୍ରଚାର

ଧର୍ମଶାଳା,୨୪।୧(ବଟକୃଷ୍ଣ ପରିଡ଼ା):

ନୂଆ ଓ ଯୋଜନାରେ ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦ ପାତ୍ର ଯୁକ୍ତ ୨ କଲେଜରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ବୁଧବାର ଅଧ୍ୟକ୍ଷ ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳମଣି ଦାସ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ବୀରେନ୍ଦ୍ର କୁମାର ଶତପଥୀ ଯୋଗଦେଇ ଓଡ଼ିଆ ଜନମାନସରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଏଭଳି ହୋଇଛି ଯେ, ତାହା ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ବୋଲି ଆଲୋଚନା କରିଥିଲେ। ସଭା ପୂର୍ବରୁ ନିମନ୍ତ୍ରିତ ଅତିଥିମାନେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ବେଣୁଧର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଅରୁଣ ନାୟକ, ବିଭୂତି ମିଶ୍ର, ପ୍ରଦୀପ ମିଶ୍ର, ମନୋଜ ଧୀର, ଅଭିମନ୍ୟୁ ସାହୁ, ନିରାକାର ରଥ, ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ନୂଆ ଓ ଯୋଜନା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାଶ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଖଟୁଆ ଧନ୍ୟବାଦ ଦେଇଥିଲେ।


ମୁକୁନ୍ଦ ପାତ୍ର ଯୁକ୍ତ ୨ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

## ବଜ୍ରକାପ୍ତା କାତି ଜବତ, ୨ ଗିରଫ

ଠାକୁରମୁଣ୍ଡା,୨୪।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବୁଧବାର ବନ କର୍ମଚାରୀମାନେ ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ବଜ୍ରକାପ୍ତା କାତି ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଠାକୁରମୁଣ୍ଡା ଥାନା ଅଧୀନ ସାଲେଇବେଡ଼ା ପଞ୍ଚାୟତ ଖପରଖାଇ ଗ୍ରାମର କରନ ହାଁସଦା ଓ ବଡ଼ମହୁଲଡ଼ିହା ଗ୍ରାମର ଡୁବରାଜ ଗାଗରାଇ।

ସୂଚନା ଅନୁଯାୟୀ ଜଙ୍ଗଲରୁ ବଜ୍ରକପ୍ତା ଶିକାର କରି ତାର କାତିକୁ ଖାପରଖାଇ ଗ୍ରାମର କରନ ତାଙ୍କ ଘରେ ରଖିଥିବା କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। କରଞ୍ଜିଆ ଡିଏଫ୍‌ଓ ଶ୍ରୀକାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, ଫରେଷ୍ଟର ମନୋଜ ବେହେରା, ସୁନୀଲ ସାହୁ, ନଳିନୀ ମହାନ୍ତ, ପ୍ରମୋଦ ମହାନ୍ତଙ୍କ ସମେତ ବନ ବିଭାଗ ଉତ୍ତର ଓ ଦକ୍ଷିଣ ଡିଭିଜନର କର୍ମଚାରୀମାନେ ଚଢ଼ାଉ କରି ୪ କିଗ୍ରା ୫୦୦ ଗ୍ରାମ ଓଜନର ବଜ୍ରକପ୍ଟା କାତି ଜବତ କରିଥିଲେ। ଡୁବରାଜଙ୍କୁ ଗିରଫ କରି ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।



## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

### ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବାଲିଚନ୍ଦ୍ରପୁର,୨୪।୧ (ଗିରିଜା ପ୍ରସାଦ ସାହୁ):

ନୂଆ-ଓ ଯୋଜନା ମାଧ୍ୟମରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷା ମାମି ବଳବନ୍ତରାୟ ସଭାପତିତ୍ୱ କରିଥିଲେ। ଇଂଲିଶ ବିଭାଗ ଅଧ୍ୟାପକ ଡ. ଭାବଗ୍ରାହୀ ମହାରଣାଙ୍କ ସଞ୍ଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଅଭିନେତା ପ୍ରମୋଦ କୁମାର ଭୂୟାଁ, ମୁଖ୍ୟବକ୍ତାଭାବେ କବି ଅଶୋକ କୁମାର ସାମଲ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀ ଉପସ୍ଥିତ ରହି ଓଡ଼ିଆ ହସ୍ତାକ୍ଷର, କୁଇଜ, ଓଡ଼ିଆ ବ୍ୟାକରଣ ଦକ୍ଷତା, ଓଡ଼ିଆ କବିତା ଲିଖନ, ଓଡ଼ିଆ ବକ୍ତୃତା, କାହାଣୀ, ଓଡ଼ିଆ ପ୍ରବନ୍ଧ ଲିଖନ ଓ ଓଡ଼ିଆ ଭଜନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରୁପଶ୍ରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମାନସୀ ସାମଲ, ଅଧ୍ୟାପିକା ନିରୁପମା ରାଉତ, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାନ୍ତି, ତମାଳମାଳ ସ୍ୱାଇଁ, ପ୍ରେମାନନ୍ଦ ପରିଡ଼ା, ତ୍ରିଲୋଚନ ପରମାଣିକ, ପ୍ରଭାତି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସମାଜବିଜ୍ଞାନ ଅଧ୍ୟାପକ ଅଲ୍ୟଳ କୁମାର ବଳ ଧନ୍ୟବାଦ ଦେଇଥିଲେ।



ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଗଛ ପଡ଼ି ସ୍କୁଟି ଆରୋହୀଙ୍କ ଗୋଡ଼ ଭାଙ୍ଗିଲା

ଘଟଗାଁ,୨୪।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ହାଟ ଛକ ନିକଟରେ ଥିବା ବାସନ୍ତୀ ଶପିଂ ମଲ୍ଲ ସମ୍ମୁଖରେ ଥିବା କୃଷ୍ଣଚୂଡ଼ା ଗଛ ଭାଙ୍ଗି ଜଣେ ସ୍କୁଟି ଆରୋହୀଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଘଟଗାଁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତର ଜଣଙ୍କ ମା' ତାରିଣୀ ମନ୍ଦିରର କର୍ମଚାରୀ ଗଗନ ବଳ ବୋଲି ଜଣାଯାଇଛି। ସେ କାର୍ଯ୍ୟ ସାରି ନିଜ ଘର ନାକଝରି ଗ୍ରାମକୁ ଫେରୁଥିଲେ। ତାଙ୍କ ଉପରେ ଗଛ ପଡ଼ିବାରୁ ମୁଣ୍ଡ ଓ ଛାତି ମାଡ଼ ହୋଇଥିବା ବେଳେ ଗୋଡ଼ ଭାଙ୍ଗିଥିବା ଜଣାଯାଇଛି।

## ଛେନାଗୁଡ଼ ଖିଆ ଗୋପୀନାଥ ମନ୍ଦିରର ରତ୍ନମୁଦ ଉତ୍ସବ

ଛତିଆ,୨୪।୧(ସୌମ୍ୟରଞ୍ଜନ ସାହୁ):

କଟକ ଓ ଯାଜପୁର ଜିଲା ସୀମାନ୍ତ ଛତିଆ ନିକଟ କଇଥା ପଞ୍ଚାୟତ ଗୋଠମୁହଁ ଗାଁର ପ୍ରସିଦ୍ଧ ଛେନାଗୁଡ଼ ଖିଆ ଗୋପୀନାଥଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା କ୍ଷୀରୋଦ ନାଥ ଓ ତାଙ୍କ ସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ନୂତନ ମନ୍ଦିରର ରତ୍ନମୁଦ ଓ ବିଶ୍ୱଶାନ୍ତି ମହାଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୋଠମୁହଁ ଗ୍ରାମ ସଭାପତି ଭଗବାନ ପାଲ, ସମ୍ପାଦକ ଗୋପାଲ ନାଥଙ୍କ ପରିଚାଳନାରେ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ମାହାଙ୍ଗା, ବଡ଼ଚଣା ଓ ଟାଙ୍ଗୀ-ଚୌଦାର ବ୍ଲକ୍‌ର ହଜାର ହଜାର ଶ୍ରଦ୍ଧାଳୁ ଆସି ପ୍ରଭୁ ଗୋପୀନାଥଙ୍କ ଦର୍ଶନ କରିଥିଲେ। ବିଶ୍ୱାସ ଅଛି ଠାକୁରଙ୍କୁ ଛେନାଗୁଡ଼ ମାନସିକ ରଖିଲେ ସମସ୍ତ ମନସ୍କାମନା ପୂର୍ଣ୍ଣହୁଏ। ସେଥିପାଇଁ ପ୍ରତିଦିନ ଗୋପୀନାଥଙ୍କ ପାଖରେ ଶ୍ରଦ୍ଧାଳୁ ଛେନାଗୁଡ଼ ମାନସିକ ରଖିଥାନ୍ତି। ପ୍ରଥମ ଦିନରେ ଜଶରାଜପୁର ଶୈବପୀଠ ଘାଟରୁ ଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦ୍ୱିତୀୟ ଦିନରେ ହୋମଯଜ୍ଞ ସାଙ୍ଗକୁ ପଣ୍ଡିତଙ୍କ ମନ୍ତ୍ର ପାଠରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଉତ୍ସବ ପରିଚାଳନାରେ ଗୋଠମୁହଁ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।



ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

## ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଯୋଗିତା

ଛତିଆ,୨୪।୧(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଯୋଜନାରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଳରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗିରୀଶ ମିଶ୍ର, ମୁଖ୍ୟବକ୍ତା ଭାବେ ଗୁରୁପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଚନ୍ଦ୍ରକଳା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ତୁଷାରକାନ୍ତି, ବିଜୟ ରାଉତ, କବିତା ସାହୁ, ସିପ୍ରାସ୍ମିଗ୍ଧା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଅଞ୍ଜଳି ମିଶ୍ର, ମାମାଲି ମହାରଣା ଓ ମମତା ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ଜଗନ୍ନାଥ ଚେତନା ବିଷୟରେ ଶ୍ରବଣ କରି ବିମୁଗ୍ଧ ହୋଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନେକ ଉପକାରୀ ତଥ୍ୟ ପ୍ରଦାନ କରିଥିଲେ। ଚକ୍ରଧର ନାୟକ ଧନ୍ୟବାଦ ଦେଇଥିଲେ।

## ଭାଷାକୁ ଅନ୍ତର୍ଜାତୀୟସ୍ତରରେ ପରିଚିତ କରାଇପାରିବା

### ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଯାଜପୁରରୋଡ୍,୨୪।୧(ପବିତ୍ର ରଞ୍ଜନ ମହାନ୍ତି ):

ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ' ଯୋଜନାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରାସର ନିମନ୍ତେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ କୋରାଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଭାଷା ଆମର ପରିଚୟ। ତେଣୁ ସାହିତ୍ୟ ମାଧ୍ୟମରେ ଭାଷାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପରିଚିତ କରାଇପାରିବା ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ ଓଡ଼ିଆ ଭାଷାକୁ ବ୍ୟାପକ କରିବା ଲାଗି ତତ୍ପର ହେବ ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ମଳୟ ମଲ୍ଲିକ ସାହିତ୍ୟ ପ୍ରତିଯୋଗିତାର ଓଡ଼ିଆ କବିତା ଲିଖନ, ଓଡ଼ିଆ ପ୍ରବନ୍ଧ ଲିଖନ, ବକ୍ତୃତା, କାହାଣୀ, ଓଡ଼ିଆ କବିତା ପଠନ, ଓଡ଼ିଆ ଗୀତ, କୁଇଜ ପ୍ରତିଯୋଗିତା, ଓଡ଼ିଆ ଲୋକ ନୃତ୍ୟ, ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବିବରଣୀ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ରୋଜଲିନ ଦାଶ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଅଧ୍ୟକ୍ଷଙ୍କ ନୂତନ କାର୍ଯ୍ୟାଳୟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ବିଭାଗ ମୁଖ୍ୟଅଧ୍ୟାପିକା ସୁମିତ୍ରା ରାଉତ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା
#### ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରାଜନଗର, ୨୪।୧ (ଭାସ୍କର ରାଉତରାୟ) : ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ ମୁଖ୍ୟ ଅତିଥି, ପୂର୍ବତନ ଶିକ୍ଷକ ଅନାଦିଚରଣ ଜେନା ମୁଖ୍ୟବକ୍ତା, ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ଅଧ୍ୟାପକ ଗଣେଶ୍ୱର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ଜୀବନର ଭୌତିକ ବିକାଶ ଓ ଓଡ଼ିଆ ସାହିତ୍ୟ ଜଗତର ଉନ୍ନତିରେ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପକ ବନୋଜ କୁମାର ପରିଡା, ବୈକୁଣ୍ଠ ନାଥ ବାରିକ, ତ୍ରୈଲୋଚନ ରାଉତ, ଉମାକାନ୍ତ ମିଶ୍ର, ଗିରିଶ କୁମାର ନାୟକ, ଜ୍ୟୋତ୍ସ୍ନାବାଳା ଦାସ, କିଶୋର ଚନ୍ଦ୍ର ଚୌଧୁରୀ, ଜୟନ୍ତ କୁମାର ପ୍ରହରାଜ, ଜାମିନୀକାନ୍ତ ରାଉଳ, ଅଶୋକ କୁମାର ରାଉତ, ଦିଗମ୍ବର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଡେରାବିଶ, ୨୪।୧(ବେବର୍ତ୍ତା ଅଜୟ ଦାସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଦୀର୍ଘ ୧୦ଦିନ ଧରି ଅନୁଷ୍ଠିତ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିବାବେଳେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସୁଷମା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ଶ୍ରୀମତି ଦାସ, ଅଧ୍ୟାପିକା ସୁକନ୍ୟା ମହାନ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ପ୍ରାରମ୍ଭରେ ବେଦପାଠ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିରରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇ ପ୍ରଶିକ୍ଷିକା ଆଦ୍ୟାଶା ଲେଙ୍କା ଓ ମୋନାଲିସା ନାୟକଙ୍କ ଦ୍ୱାରା ପ୍ରଦର୍ଶିତ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ ରାଉତ, ବରଦା ପ୍ରସାଦ ଜେନା, ଦେବାଶିଷ ମହନ୍ତ, ପ୍ରହ୍ଲାଦ ମାଝି, ଶଶିଭୂଷଣ ଜେନା, ଅଧ୍ୟାପିକା ଶାଶ୍ୱତି ପ୍ରଜ୍ଞା ସାହୁ, ଝରାଶ୍ରୀ ପରିଜା, ଜ୍ୟୋତିର୍ମୟୀ ନାଥଶର୍ମା, ଶର୍ମିଷ୍ଠା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ବାଦୀପାଲା ମହୋତ୍ସବ

ଡେରାବିଶ, ୨୪।୧(ବେବର୍ତ୍ତା ଅଜୟ ଦାସ): ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହିସ୍ଥିତ ମା' ବୁଢ଼ୀଜାଗୁଲାଇଙ୍କ ପୀଠରେ ୧୯ ତାରିଖରୁ ଆରମ୍ଭ ହୋଇଥିବା ବାଦିପାଲା ମହୋତ୍ସବ ମଙ୍ଗଳବାର ଥିଲା ଷଷ୍ଠ ସନ୍ଧ୍ୟା। ଡେରାଡିହି ଓ କେଉଟକଣ୍ଠିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ୧୩୮ତମ ବାଦିପାଲା ମହୋତ୍ସବରେ ଗାୟକ ଅଭିମନ୍ୟୁ ନାୟକ ଓ ବିରଞ୍ଚି ତ୍ରିପାଠୀଙ୍କ ମଧ୍ୟରେ ହେଉଛି। ରାମାୟଣ, ମହାଭାରତ, ଇତିହାସର କଥାବସ୍ତୁ ଓ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ମଧ୍ୟରେ ତୁଳନାତ୍ମକ ଆଲୋଚନା ଦର୍ଶକଙ୍କୁ ବିଭୋର କରିଥିଲା। ବିଶେଷ କରି ପାଳିଆମାନଙ୍କ ଢଗଢ଼ମାଳି ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ହସ୍ୟରୋଳ ସୃଷ୍ଟି କରିଥିଲା। ଏହି ମହୋତ୍ସବରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ଗାୟକ ହରିହର ପାଣିଗ୍ରାହୀ ଓ ତ୍ରିଲୋଚନ ନାୟକଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୭ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବ ଗୁରୁବାର ଶେଷ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ କର୍ମକର୍ତ୍ତା ଶୈଳେନ୍ଦ୍ର ନାରାୟଣ ଜେନା, କେଶବ ଚନ୍ଦ୍ର ସେଠୀ ଓ ସୁକାନ୍ତ କୁମାର ସେଠୀ ପ୍ରମୁଖ ପରିଚାଳନା କରୁଛନ୍ତି।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଘଟୁଛି ଦୁର୍ଘଟଣା

ପଟ୍ଟାମୁଣ୍ଡାଇ, ୨୪।୧(କଳ୍ପତରୁ ନାୟକ)

ଜନସାଧାରଣଙ୍କୁ ସହଜ ଓ ସୁବିଧାରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ସକାଶେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଟାଟା କମ୍ପାନୀ (ଟିପିସିଓଡିଏଲ) ଦାୟିତ୍ୱ ନେଇଛି। ହେଲେ ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବା ଦେଖାଯାଉଥିବା ବେଳେ ଛିଣ୍ଡା ତାର ସଂଯୋଗ କରାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏଥିସହ କେତେକ ସ୍ଥାନରେ ବିଦ୍ୟୁତ୍ ତାର ଓହଳି ରହିଥିବା ଦେଖାଯାଇଛି। ବ୍ଲକର ମୁଖ୍ୟରାସ୍ତା (ପଟ୍ଟାମୁଣ୍ଡାଇ ଭାୟା ବକ୍ତାରପୁର-ରାଜନଗର) ଉପରେ ଦୀର୍ଘଦିନ ଧରି ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଲୋକମାନେ ଯିବାଆସିବା ପାଇଁ ବହୁ ଅସୁବିଧା ଭୋଗୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପୂର୍ତ୍ତ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବଜାରର ମୁଖ୍ୟରାସ୍ତା ଦେଇ ପ୍ରତ୍ୟହ ଶତାଧିକ ମାଲ ଓ ଯାତ୍ରୀବାହୀ ଗାଡ଼ି ଯା'ଆସ କରୁଛି। ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ୨୦୧୭ରେ ରାସ୍ତା ସମ୍ପ୍ରସାରଣ କରାଯାଇଥିଲା। କିନ୍ତୁ ଏହି ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାତି ହେଲେ ଏହି ରାସ୍ତା ଦେଇ ଯାଉଥିବା ଅଜଣା ଲୋକମାନେ ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇ ଖଣ୍ଡିଆଖାବରା ହେଉଛନ୍ତି। ରାସ୍ତା କାର୍ଯ୍ୟ ସମୟରେ ପୂର୍ତ୍ତ ଓ ବିଦ୍ୟୁତ୍ ବିଭାଗ ସମନ୍ୱୟରେ ରାସ୍ତା ଉପରେ ରହୁଥିବା ଖୁଣ୍ଟ ସ୍ଥାନାନ୍ତର କରାଯିବା କଥା। କିନ୍ତୁ ଏହା କରାଯାଇ ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ଅନ୍ୟପକ୍ଷେ ବିଦ୍ୟୁତ୍ ତାର ୨୦ ଫୁଟରୁ କମ୍ ଉଚ୍ଚରେ ରହିଛି। ଏହା ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାରୁ ଯିବା ପାଇଁ ଲୋକମାନେ ନିର୍ଭର କରିଥାନ୍ତି। ହେଲେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ଓ କମ୍ ଉଚ୍ଚତାରେ ତାର ଯାଇଥିବାରୁ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କାରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଖୁଣ୍ଟ ସ୍ଥାନାନ୍ତର କରାଯିବା ସହ ଓହଳି ରହିଥିବା ତାର ସଜାଡ଼ିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ


ପଟ୍ଟାମୁଣ୍ଡାଇ ସହର ପଞ୍ଜାବ ବ୍ୟାଙ୍କ ପାଖ ରାସ୍ତା ଉପରେ ବିଦ୍ୟୁତଖୁଣ୍ଟ।

ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସ୍ମୃତିରଞ୍ଜନ ରଥଙ୍କୁ ପଚାରିବାରେ, ଯେଉଁ ସ୍ଥାନରେ ରାସ୍ତା ଉପରେ ଖୁଣ୍ଟ ରହିଛି ସେଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ପ୍ରକ୍ରିୟା ଚାଲୁ ରହିଛି, ଖୁବ୍‌ଶୀଘ୍ର ସେହି ଖୁଣ୍ଟ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

# ୨୫ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୪।୧(କଳ୍ପତରୁ ନାୟକ)

**ପଟ୍ଟାମୁଣ୍ଡାଇ ବିକାଶରେ ଯୋଡ଼ି ହେଲା ନୂଆ ଫର୍ଦ୍ଦ**

ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପ୍ରକଳ୍ପ ଲାଗି ୨୫ କୋଟି ଟଙ୍କାର ଶିଳାନ୍ୟାସ ବୁଧବାର ରାଜନଗର ବିଧାୟକ ଧ୍ରୁବ ସାହୁ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଗଙ୍ଗାରାମପୁର ପଞ୍ଚାୟତ କୁଆଖିଆ ଛକଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ସାହୁ କହିଥିଲେ, ପଟ୍ଟାମୁଣ୍ଡାଇ-ରାଜନଗର ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଦରଦ ରହିଛି। କରୋନା ମହାମାରୀ ଓ ବିରୋଧୀ ଦଳର ଚକ୍ରାନ୍ତ ସତ୍ତ୍ୱେ ବିକାଶଧାରା ତ୍ୱରାନ୍ୱିତ ହୋଇ ସମଗ୍ର ଅଞ୍ଚଳର ନବକଳେବର ହୋଇଛି। ପଟ୍ଟାମୁଣ୍ଡାଇ ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶର ସାରଥୀ ବିଧାୟକ ସାହୁଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ୧୭ ନଂ. ଜୋନ ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ଟୁକୁଲି ଚୌଧୁରୀ ଓ ପ୍ରଫୁଲ୍ଲ ତରାଇ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ଯୁବନେତା ଦିଲୀପ ଜେନା, ଗଗନ ପ୍ରସାଦ ଦାସ, ସାନଜରିଆ ପଞ୍ଚାୟତ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ବ୍ଲକ ସୋସିଆଲ ମିଡ଼ିଆ ସଂଯୋଜକ ନୟନ ଗିରି ପ୍ରମୁଖ ଭାଷଣ ଦେଇଥିଲେ। ବିଧାୟକ ସାହୁ ସର୍ବପ୍ରଥମେ ଅନୁଦାନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଖଡ଼ିଅଣ୍ଟା ପଞ୍ଚାୟତର ଗ୍ରାମ୍ୟ ରାସ୍ତା ଶୁଭ ଦେବା ପରେ ୫ କୋଟି ଟଙ୍କା ବ୍ୟୟରେ ଆମ୍ବେର-ଅଠରବାଟିଆ ରାସ୍ତାର ଗୋବରୀ ନଦୀ ଉପରେ ବିଜୁ ସେତୁ ଶୁଭ ଦେବା ସହ ୫କୋଟି ଟଙ୍କା ବ୍ୟୟରେ ସାନଜରିଆ କଳପଡ଼ା ରାସ୍ତା ଶୁଭ ଦେଇଥିଲେ। ଏହାଛଡ଼ା ୬କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ୧-୧/୨ କ କେନାଲ (ସାନଜରିଆ ଠାରୁ ନୀଳକଣ୍ଠେଶ୍ୱର ମହାଦେବ କେନାଲ ପର୍ଯ୍ୟନ୍ତ) ପ୍ରକଳ୍ପ ଶୁଭ ଦେବା ସହ ୩କୋଟି ୨୬ଲକ୍ଷ ଟଙ୍କା ବ୍ୟୟରେ ମାଳିବସା-ନୟାକୋଟ ରାସ୍ତା ଓ ୩ କୋଟି ଟଙ୍କା ବ୍ୟୟରେ ଭେଡ଼ିସାହି-ହୀରାବାଙ୍କ ରାସ୍ତା ଶୁଭ ଦେଇଥିଲେ।



ଶିଳାନ୍ୟାସ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

# ନେତୃତ୍ୱ ପରିବର୍ତ୍ତନ ପାଇଁ ଆହ୍ୱାନ



ଆଲୋଚନାଚକ୍ରରେ ଯୋଗ ଦେଇଥିବା ନେତା ଓ ବୁଦ୍ଧିଜୀବୀମାନେ।

ଡେରାବିଶ, ୨୪।୧(ବେବର୍ତ୍ତା ଅଜୟ ଦାସ)

**ଡେରାବିଶର ଅସ୍ମିତା, ପାଟକୁରାର ସ୍ୱାଭିମାନ ଉପରେ ଆଲୋଚନାଚକ୍ର**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଧବାର ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଡେରାବିଶର ଅସ୍ମିତାକୁ ବଜାୟ ରଖିବାକୁ ବିଭିନ୍ନ ମହଲରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ନିଜର ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ବିଜେଡ଼ି ସଭାପତି ଉତ୍କଳ କେଶରୀ ପରିଡ଼ା ଯୋଗଦେଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ଡେରାବିଶ ବ୍ଲକ ଅଞ୍ଚଳର ବହୁ ପ୍ରଣମ୍ୟ ବ୍ୟକ୍ତିତ୍ୱ ନିଜ ଜୀବନକୁ ଉତ୍ସର୍ଗ କରି ଆନ୍ଦୋଳନରେ ଝାସ ଦେବା ସହ ଏହି ମାଟିକୁ ଗର୍ବିତ କରିଥିଲେ। ଡେରାବିଶ ମାଟିର ଅସ୍ମିତାକୁ ରକ୍ଷା କରିବା ପାଇଁ ଏବଂ ପାଟକୁରା ନିର୍ବାଚନମଣ୍ଡଳୀର ସ୍ୱାଭିମାନକୁ ବଜାୟ ରଖିବାକୁ ଯୁବ ଛାତ୍ର ଓ ମହିଳା ସଂକଳ୍ପ ନେବାର ଆବଶ୍ୟକତା ରହିଛି। ଏଥିରେ ମୁଖ୍ୟବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ମହିଳା ଶସକ୍ତିକରଣ ଉପରେ ନିଜର ଆଲୋକପାତ କରିବା ସହ ପାଟକୁରାର ସ୍ୱାଭିମାନକୁ ଉଜ୍ଜିବତ ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ବହୁ ନେତୃତ୍ୱ ଏହି ମାଟିରେ ଜନ୍ମ ନେଇ ଅଞ୍ଚଳର ଅସ୍ମିତା ଓ ସ୍ୱାଭିମାନକୁ ଗର୍ବିତ କରିଥିବା ବେଳେ ପାରିବାରିକ ନେତୃତ୍ୱକୁ ବଦଳା ଯାଇ ଜଣେ ଯୋଗ୍ୟ ବ୍ୟକ୍ତିତ୍ୱ ଏହି ଅଞ୍ଚଳର ନେତୃତ୍ୱ ନେବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅମ୍ବିକା ପ୍ରସାଦ ରଥ, ରାଜକିଶୋର ମଲ୍ଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଫନିନ୍ଦ୍ର ବେହେରା, ସରପଞ୍ଚ ଅରକ୍ଷିତ କାଣ୍ଡି, ମାନସୀ ସାମଲ ଓ ଯୁବ ନେତା ଚୌଧୁରୀ ରବୀନ୍ଦ୍ର ଜେନା, ଚାଷୀ ନେତା ଭରତ ସିଂ, ସାହାଜାନ୍ ଖାଁ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ନିଗମ ସାହୁ, ସରୋଜକାନ୍ତ ପଣ୍ଡା, ଦିଲୀପ ଦାସ, ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କର ଜନହିତକର ଯୋଜନାଠାରୁ ବହୁ ଦୂରରେ ଥିବା ପାଟକୁରା ନିର୍ବାଚନମଣ୍ଡଳୀର ସ୍ୱାଭିମାନ ରକ୍ଷା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମହିଳା ଓ ଯୁବ ଛାତ୍ର ଏକାଠି ହୋଇ ଡେରାବିଶର ଅସ୍ମିତା ସହ ଓ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସଂଗ୍ରାମ କରିବା ଉପରେ ଆଲୋକପାତ କରିଥିଲେ। ସ୍ୱାଭିମାନ ମଞ୍ଚର ଆବାହକ ମହେନ୍ଦ୍ର କୁମାର ସିଂ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟରଞ୍ଜନ ସାମଲ, ହିମାଂଶୁ ସାହୁ, ବାଇଧର ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସେମିରେ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା

**ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ**

ରାଜନଗର, ୨୪।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡ଼ପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ୩ୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ ଟିମ୍‌କୁ ହରାଇ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଭୁବନେଶ୍ୱର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୯୬ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଗୌରବ ଚୌଧୁରୀ ୩୨ ବଲରୁ ୯୬ ରନ କରିଥିଲେ। ଜବାବାରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ୧୪.୩ ଓଭର ଖେଳି ୬ ଉଇକେଟ ହରାଇ ୧୩୬ରନ କରିଥିଲା। ପ୍ରବଳ ବର୍ଷା ଯୋଗୁ ଖେଳ ବନ୍ଦ ହୋଇଯାଇଥିଲା। କ୍ରିକେଟ ନିୟମ ଅନୁସାରେ କେନ୍ଦ୍ରାପଡ଼ାର ଗୋପବନ୍ଧୁ କ୍ରିକେଟ କ୍ଲବକୁ ବିଜେତା ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ାର ଗୌରବ ଚୌଧୁରୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପଡ଼ିହାରୀ, କୋଷାଧ୍ୟକ୍ଷ ତପନ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଂଶୀଧର ସ୍ୱାଇଁ, ନୀରୋଦ ବଳ ଅମ୍ପାୟାରିଂ କରିଥିବା ବେଳେ ସ୍କୋରର ଭାବେ ସୁରେଶ ପ୍ରଧାନ, ହଳଧର ପ୍ରଧାନ, ଭାଷ୍ୟକାର ଭାବେ ବିଜୟ ବଳ, ରମେଶ ସାହୁ ଦାୟିତ୍ୱ ତୁଲାଇ ଥିଲେ।

## ୨୫ରୁ କଳାବ୍ୟାଜ୍ ପିନ୍ଧିବେ ରାଜସ୍ୱ କ୍ଷେତ୍ରାଧିକାରୀ

କେନ୍ଦ୍ରାପଡ଼ା, ୨୪।୧ (ଜଗନ୍ନାଥ ଧଳ)

ଓଡ଼ିଶା ରାଜସ୍ୱ କ୍ଷେତ୍ରାଧୀକାରୀଙ୍କ ଦାବି ରାଜ୍ୟ ସରକାରଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ତେବେ ଏହାର ସମାଧାନ ଏ ପର୍ଯ୍ୟନ୍ତ ହୋଇନାହିଁ। ଏଥିପାଇଁ ଆସନ୍ତା ୨୫ ତାରିଖରୁ କେନ୍ଦ୍ରାପଡ଼ା ଜିଲାର ରାଜସ୍ୱ କ୍ଷେତ୍ରାଧିକାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ। ଏଥିର ରାଜ୍ୟ ସରକାର ଦାବିଗୁଡ଼ିକ ପ୍ରତି ବିଚାର ନ କିଲେ ଏହାର ୧୦ ଦିନ ପରେ କଲମ ଛାଡ଼ ଆନ୍ଦୋଳନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏପରି ସ୍ମାରକପତ୍ର ଓଡ଼ିଶା ରାଜସ୍ୱ କ୍ଷେତ୍ରାଧିକାରୀ ସଂଘର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ସୁକାନ୍ତ କୁମାର ମଲ୍ଲିକ, ସମ୍ପାଦକ ବିଶ୍ୱବିଜୟୀ ପରିଡା କହିଛନ୍ତି ଯେ, ସଂଘ ପକ୍ଷରୁ ରାଜସ୍ୱ କ୍ଷେତ୍ରାଧିକାରୀଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ବାରମ୍ବାର ଦାବି ଉଠାଯାଇଛି। କ୍ୟାଡର ପୁର୍ନଗଠନ, ଗ୍ରେଡେଶନ କ୍ଷେତ୍ରରେ ବରିଷ୍ଠତା ଭିତ୍ତିରେ ତାଲିକା ପ୍ରକାଶନ, ସ୍ନାତକ ଶିକ୍ଷାକୁ ଯୋଗ୍ୟତା ଭିତ୍ତିକ କରିବା, ପ୍ରଦର୍ଶନ ଅନୁଯାୟୀ ପଦୋନ୍ନତି ଆଦି ସଂଘର ଦାବି ରହିଥିବା ସେମାନେ ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ସଂଘ କର୍ମକର୍ତ୍ତା ମନୀଷା ପ୍ରିୟଦର୍ଶନୀ ଷଡଙ୍ଗୀ, ରାଜେଶ କୁମାର ମାରାଣ୍ଡି, ମୋନାଲିସା ବେହେରା, ପ୍ରତ୍ୟୁଷ କୁମାର ଦୀକ୍ଷିତ ପ୍ରମୁଖ ସାମିଲ ହୋଇଥିଲେ।


ଏଡିଏମ୍‌ଙ୍କୁ ରାଜସ୍ୱ କ୍ଷେତ୍ରାଧିକାରୀ ସଦସ୍ୟମାନେ ସ୍ମାରକପତ୍ର ଦେଉଛନ୍ତି।

## ଭଲ ପାଠ ପଢ଼, ଚରିତ୍ରବାନ ହୁଅ

**ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ**

ମାର୍ଶାଘାଇ, ୨୪।୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରିଲୋପାଟଣା ସମିତି ସଭ୍ୟ ଜ୍ୟୋତିର୍ମୟୀ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଡା. ଗୌରାଙ୍ଗ ସାମନ୍ତରାୟ, ୱାର୍ଡ ସଭ୍ୟ ବନିତା ଦାସ, କାଞ୍ଚନ ବେହେରା, ଶୈଳେନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢିବା ସହ ଶୃଙ୍ଖଳା, ସଂସ୍କାର ଚରିତ୍ର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କ୍ରୀଡା, ସାଂସ୍କୃତିକ, ସାମାଜିକ ସଚେତନତା କାର୍ଯ୍ୟକ୍ରମ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାଧ୍ୟାପକ ଅକ୍ଷୟ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଡ. ସୁନିତା ମହାନ୍ତି, ଶ୍ରୀବିଦ୍ୟା ପାତ୍ର, ସୁବ୍ରତ ଜେନା, ପର୍ଣ୍ଣ କୁମାର ଦଳାଇ ଉପସ୍ଥିତ ଥିବାବେଳେ ଏ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ସରୋଜ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ମିଳୁନି ଆବାସ: ଭଙ୍ଗା ଚାଳଘରେ ବିତୁଛି ଜୀବନ

ଆଳି, ୨୪।୧(ବନମାଳୀ ସେନାପତି)

କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଶହଶହ ଯୋଜନା କରୁଛନ୍ତି। ତାହା ସମାଜର ଶେଷତମ ଲୋକ ପାଖରେ ପହଞ୍ଚିଲା କି ନାହିଁ ତାହା ଦେଖିବା ଯେଉଁମାନଙ୍କର ଦାୟିତ୍ୱ ସେମାନେ କିନ୍ତୁ ଉଦାସୀନ। ତେଣୁ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କଳସପୁର ପଞ୍ଚାୟତ ଜେନାଭଳି ଗ୍ରାମର ଭାଗୀରଥି ଦାସ(୭୦)ଙ୍କୁ ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ମିଳି ନ ଥିବାରୁ ସେ ଏବେ ଭଙ୍ଗା ଚଳ ଛପର ଘରେ ରହୁଛନ୍ତି। ତାଙ୍କ ପାଇଁ ପକ୍କା ଘର ସାତସପନ ପାଲଟିଛି। ୨୦୧୧ ମସିହାର ସର୍ଭେ ଅନୁସାରେ ସେ କଚାଘରେ ବାସ କରୁଥିବା ଜଣାପଡିଥିଲା। ଭାଗୀରଥି ପୁଅ, ସ୍ତ୍ରୀଙ୍କୁ ହରାଇ ଏବେ ଏକାକୀ ବାସ କରୁଛନ୍ତି।

ଆବାସ ଖଣ୍ଡେ ପାଇଁ ବର୍ଷବର୍ଷ ଧରି ପଞ୍ଚାୟତରୁ ବ୍ଲକ ଦୌଡି ଦୌଡ଼ି ନୟାନ୍ତ ହୋଇ ପଡିଥିଲେ ସୁଦ୍ଧା ପ୍ରଶାସନର ନଜର ପଡୁନି। ଗୋଟିଏ ପଟେ ବୟସର ଅପରାହ୍ନରେ ପହଞ୍ଚିଥିବା ଭାଗୀରଥି ପୁଅ, ସ୍ତ୍ରୀଙ୍କୁ ହରାଇ ବାର ଯନ୍ତ୍ରଣାରେ


ଚାଳଘର ସମ୍ମୁଖରେ ଭାଗୀରଥି।

ଜର୍ଜରିତ ହେଉଥିବା ବେଳେ ମୁଣ୍ଡ ଗୁଞ୍ଜିବା ନିମନ୍ତେ ପକ୍କାଘର ଖଣ୍ଡେ ନାହିଁ। ନିଜ ଭାଗ୍ୟକୁ ଆଦରି ଭଙ୍ଗା ଚାଳ ଘରେ ଦିନ କାଟୁଛନ୍ତି। ଦିନ ଥିଲା ଭାଗୀରଥି ଦିନ ମଜୁରିଆ ଭାବେ କାମ କରି ନିଜ ପରିବାର ଚଳାଉ ଥିଲେ। ହସଖୁସିରେ ଚାଲିଥିବା ଭାଗୀରଥିଙ୍କ ପରିବାର ଉପରକୁ ଘୋଟି ଆସିଥିଲା ଦୁଃଖର କଳାବାଦଲ। ଏକ ଦୁର୍ଘଟଣାରେ ନିଜ ଭେଣ୍ଡିଆ ପୁଅ ଚିତ୍ତରଞ୍ଜନଙ୍କୁ ହରାଇବା ପରେ ପ୍ରାୟ ୧୦ ହେବ ସ୍ତ୍ରୀ ମଞ୍ଜୁଲତାଙ୍କ ପରଲୋକ ଘଟିଛି। ଯେଉଁ ବୟସରେ ବିଶ୍ରାମ ନେବା କଥା ସେହି ବୟସରେ ଭାଗୀରଥି ପେଟ ଚାଖଣ୍ଡକ ପାଇଁ ମୂଲ ଲାଗି ନିଜ ପେଟକୁ ଦାନା ଦେଉଛନ୍ତି। ଯେଉଁ ଘରେ ସେ ମୁଣ୍ଡ ଗୁଞ୍ଜିଛନ୍ତି ତାହାର କାନ୍ଥ ଫାଟି ଆଁ କରିଥିବା ବେଳେ ଚାଳ ଫୁଟି ବର୍ଷା ପାଣି ଝରୁଛି। କଳସପୁର ପଞ୍ଚାୟତରେ ଅନେକ ଥିଲା ବାଲା ଲୋକ ଆବାସ ଯୋଜନାରେ ଘର ପାଇଥିବା ବେଳେ ଭାଗୀରଥିଙ୍କୁ ମଳୁନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ୨୦୧୧ ମସିହା ସର୍ଭେ ରିପୋର୍ଟ ଅନୁଯାୟୀ ପ୍ରଶାସନ ନିକଟରେ ଭାଗୀରଥି ଘର ପାଇବାକୁ ଯୋଗ୍ୟ ହୋଇଥିବା ବେଳେ କାହା ଅବହେଳା ଯୋଗୁଁ ସେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଆଳି ବ୍ଲକ ପ୍ରଶାସନ ଓ କେନ୍ଦ୍ରାପଡ଼ା ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଭାଗୀରଥି ଗୁହାରି କରିଛନ୍ତି।

# ମାଟି ବୋଝେଇ ଟ୍ରାକ୍ଟର ଜବତ
## ପୋତାଗଡ଼ରୁ ଚୋରି ହେଉଛି

**ଗଞ୍ଜାମ,୨୪।୧(ବିଦ୍ୟାଧର ସାହୁ)**

ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ଗୋଚର ଜମିରୁ ମାଟି ଚୋରି ହେଉଥିବା ଅଭିଯୋଗ ହୋଇଛି। ବିନା ଦ୍ୱିଧାରେ ଶହ ଶହ ଟ୍ରାକ୍ଟର ମାଟି ଚୋରି କରି ନେଇ ପୋଖରୀ ପୋତା କାର୍ଯ୍ୟ ଚାଲିଛି। ଏହି ଅଭିଯୋଗ ପରେ ତହସିଲଦାର ଏବଂ ଆରଆଇ ରବୀନ୍ଦ୍ର କୁମାର ପ୍ରଧାନ ପୋତାଗଡ଼ରୁ ଆସୁଥିବା ମାଟି ବୋଝଇ ଟ୍ରାକ୍ଟର ଜବତ କରି ଥାନାକୁ ପଠାଇଛନ୍ତି। ଏନଏସି ଅଞ୍ଚଳର ଜଣେ ଠିକାଦାର ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। କାଗଜ ପତ୍ର ଠିକ ନ ଥିବା ଯୋଗୁଁ ମାଟି ବୋଝେଇ ଟ୍ରାକ୍ଟର ସିଜ କରାଯାଇଛି ବୋଲି ଆରଆଇ ପ୍ରଧାନ କହିଛନ୍ତି। ଗତ କିଛି ମାସ ତଳେ ଏନଏସି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତଥା ସେଲଫି ପଏଣ୍ଟକୁ ପୋତାଗଡ଼ରୁ ମାଟି ଅଣାଯାଉଥିବା ବେଳେ ତୁମ୍ବି ତୋଫାନ ହୋଇଥିଲା। କିପରି ଉନ୍ନତୀକରଣ ନାମରେ ରାଜସ୍ୱକୁ ଫାଙ୍କି ଶହ ଶହ ମାଟି ଟ୍ରାକ୍ଟର ନିଆଯାଉଛି ବୋଲି ସହରରେ ଆଲୋଚନା ଜୋର ଧରିଛି।

# ଦଶପଲ୍ଲାର ବାଉଁଶ ବଣ ଲୋପ ପାଇବାକୁ ବସିଲାଣି

**ଦଶପଲ୍ଲା,୨୪।୧ (ପ୍ରକାଶ କୁମାର ପାଣି)**

## ଅବାଧରେ ଚାଲିଛି ବାଉଁଶ କରଡ଼ି ବେପାର



ସାରା ଓଡ଼ିଶାରେ ବାଉଁଶ ପାଇଁ ପ୍ରସିଦ୍ଧ ନୟାଗଡ଼ ଜିଲା ଦଶପଲ୍ଲାରୁ ଏବେ ବାଉଁଶ ବିଲୋପ ହେବାକୁ ଯାଉଛି। ବର୍ଷାଦିନେ ବାଉଁଶ ଗଜା ବା କରଡ଼ି ବ୍ୟବସାୟ, ବଜାରଘାଟଠାରୁ ଆରମ୍ଭ କରି ଗାଁ ଗହଳି ସବୁଠାରେ ଖୋଲାମେଲା ଭାବେ କାଇଣ୍ଠାଲ କୁଇଣ୍ଠାଲ୍ କରଡ଼ିକୁ ଜିଲା ବାହାରକୁ ଚାଲାଣ କରି କିଛି ମାଫିଆ ଏହି ବ୍ୟବସାୟ ଚଳାଇ ଆସିଛନ୍ତି। ମୁଖ୍ୟତଃ ଦେଖିବାକୁ ଗଲେ, ବାଉଁଶ ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ସରକାର ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଦଶପଲ୍ଲା ଜଙ୍ଗଲ ମୂଲ୍ୟବାନ କାଠ ଭଳି ଦିନେ ବାଉଁଶ ପାଇଁ ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲା। ଜଙ୍ଗଲରେ ଏତେ ମାତ୍ରାରେ ବାଉଁଶ ଭରପୂର ରହିଥିଲା ଯାହାକି ଏଠାରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି ଉଠିଥିଲା। ବାଉଁଶର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ , ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ପାଇଁ ବାଉଁଶ ଜଙ୍ଗଲ ଛାରଖାର୍ ହେଉଛି। ବିଶେଷକରି ଏହାକୁ ମାଫିଆମାନେ କାଟି ବ୍ୟାପକ ଭାବେ ଚାଲାଣ କରୁଛନ୍ତି। ବାଉଁଶ କରଡ଼ି ବିକ୍ରି ଯୋଗୁ ଜଙ୍ଗଲ ବୃଦ୍ଧି ପାଇବାରେ ଏହା ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏବେ ବାଉଁଶ ଗଜା ଆରମ୍ଭ ହେଉଥିବା ବେଳେ ବ୍ୟବସାୟ ଆରମ୍ଭ ହୋଇ ଗଲାଣି। ଲାଭଖୋର୍ ମନୋଭାବ ପାଇଁ ଏହାକୁ ଦଶପଲ୍ଲାରୁ ଜିଲା ଓ ଜିଲା ବାହାରକୁ ଚାଲାଣ କରାଯାଉଛି। ସହରାଞ୍ଚଳରେ ବାଉଁଶର ବେଶ୍ ଚାହିଦା ରହିଥିବାରୁ ମାଫିଆମାନେ ଜିଲା ବାହାରକୁ ଚାଲାଣ କରି ଭଲ ଦି ପଇସା ରୋଜଗାର କରିବାର ପନ୍ଥା ଆପଣାଇ ନେଉଛନ୍ତି। ଦଶପଲ୍ଲାର ପୋଖରୀଗୋଛା, ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, ଟାକରା, ଭୋଗବାଡ଼ି, ସରିଗଣ୍ଡା, ଘୁଗୁଡିପଡ଼ା, କୁଲୁରୁକୁମ୍ପା, ବାଣୀଗୋଛା, କୁଜାମେଣ୍ଢି, ତେଣ୍ଡାବାଡ଼ି ପ୍ରଭୃତି ନିକଟବର୍ତ୍ତୀ ଜଙ୍ଗଲରୁ ବାଉଁଶ ବହୁଳ ଭାବେ କଟା ଯାଉଛି। ଏହାର ଗୋଟା ପ୍ରତି ମୂଲ୍ୟ ଏବେ ୪୦ ଟଙ୍କାରୁ ୧୦୦ ଟଙ୍କା ରହିଥିବା ବେଳେ ଜିଲା ବାହାରେ ଏହାର ମୂଲ୍ୟ ଅଧିକ ରହୁଛି। ନାମକୁ ମାତ୍ର କାଗଜପତ୍ରରେ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁଥିବା ବେଳେ ଏହି ବାଉଁଶ ଚୋରା ଚାଲାଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି।

# ବ୍ଲକ୍‌ରେ ଜାତୀୟ ବାଳିକା ଦିବସ ପାଳିତ




ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ରଣପୁର, ୨୪।୧ (ସୁକାନ୍ତ କିଶୋର ଡାକୁଆ)**

ରଣପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା, ମୁଖ୍ୟ ବକ୍ତା ଭାବେ ଶିକ୍ଷୟିତ୍ରୀ ଡ. କଳ୍ପନା ରଥ, ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ ରଙ୍ଗୀନ ମହାନ୍ତି, ରଣପୁର ବିଡିଓ ସୁଧୀର କୁମାର ନାୟକ, ସିଡିପିଓ ମାଧୁରୀ ପଣ୍ଡା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ନିଖିଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା ଝିଅ ଓ ପୁଅ ମଧ୍ୟରେ ତଫାତ କରିବା ନାହିଁ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ ମହାନ୍ତି ଝିଅମାନଙ୍କୁ ସମ୍ମାନ ଅଧିକାର ଦେଇ ପାଠ ପଢେଇବା ପାଇଁ କହିଥିଲେ। ସିଡିପିଓ ନିଜ ଲକ୍ଷ୍ୟରେ ଅଟଳ ରହି କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳ ହେବେ ବୋଲି ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସୁଶୀଲ କୁମାର ରଣା, ଜ୍ୟୋତି ରଞ୍ଜନ କର, ସୁଧାକର ମିଶ୍ରଙ୍କ ସମେତ ସମସ୍ତ ସାଧନ କେନ୍ଦ୍ର କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସ୍ୱୟଂ ସହାୟିକା ଗ୍ରୁପ, ଅଙ୍ଗନୱାଡି କର୍ମୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେଢ଼ଘଣ୍ଟା ବିଳମ୍ବରେ ପାଣି ପଞ୍ଚାୟତ ପକ୍ଷ ପାଳନ

**ନୟାଗଡ଼,୨୪।୧(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପାଣି ପଞ୍ଚାୟତ ପକ୍ଷ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତେବେ ଏ ଅବସରରେ ଅନୁଷ୍ଠିତ ସଭା ୧୧ଟା ପରିବର୍ତ୍ତେ ଦେଢ଼ ଘଣ୍ଟା ବିଳମ୍ବ ସାଢ଼େ ୧୨ଟାରେ ଆରମ୍ଭ ହୋଇଥିବାରୁ କିଛି ଚାଷୀ ଫେରି ଯାଇଥିଲେ। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ରଞ୍ଜନ ପୋଥଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲାରେ କେତେ ପାଣି ପଞ୍ଚାୟତ ରହିଛି, ନିର୍ବାଚନ କିପରି ହେଉଛି ସେ ଉପରେ କିଛି ତଥ୍ୟ ଦିଆଯାଇ ନ ଥିଲା। କେବଳ ରାଜ୍ୟସ୍ତରୀୟ ତଥ୍ୟକୁ ଉପସ୍ଥାପନ କରି ବାହାବା ନେବାକୁ ଉଦ୍ୟମ କରାଯାଇଥିଲା।



ପାଣି ପଞ୍ଚାୟତ ପକ୍ଷ ପାଳନ ସଭାରେ ମଞ୍ଚାସୀନ ଅତିଥି।

# ପରୀକ୍ଷା ପେ ଚର୍ଚ୍ଚାରେ ଚିତ୍ରକଳା ପ୍ରତିଯୋଗିତା




ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ପିଲାମାନେ।

**ନୟାଗଡ଼,୨୪।୧(ଲୋକନାଥ ମିଶ୍ର)**

ନୟାଗଡ଼ସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ ଚର୍ଚ୍ଚା ଚିତ୍ରକଳା ପ୍ରତିଯୋଗିତା ଓ ନେତାଜୀ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ଼ ଜବାହାର ନବୋଦୟ ବିଦ୍ୟାଳୟ, ମହର୍ଷି ବିଦ୍ୟାମନ୍ଦିର, ଏନ୍‌ଏସି ଉଚ୍ଚ ବିଦ୍ୟାଳୟ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନବଘନପୁର ଉଚ୍ଚ ବିଦ୍ୟାଳୟ, ଡିଏଭି ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରେମ ଚାନ୍ଦ ପରୀକ୍ଷା ପେ ଚର୍ଚ୍ଚା ଓ ପରାକ୍ରମ ଦିବସର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଚିତ୍ରକଳା ଶିକ୍ଷକ ଜବାହାର ନବୋଦୟ ବିଦ୍ୟାଳୟ, ମହର୍ଷି ବିଦ୍ୟାମନ୍ଦିର ଓ କେନ୍ଦ୍ରୀୟ ବିଦ୍ୟାଳୟ ଦିଗମ୍ବର ମହାପାତ୍ର, ବଳଭଦ୍ର ଡାକୁଆ ଓ ଦେବଶଙ୍କର ସରକାର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ୫ ଗୋଟି ଚିତ୍ରାଙ୍କନକୁ ପୁରସ୍କୃତ କରଯାଇଥିଲା। ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲିଖିତ ଏଗଜାମ ୱାରିୟର ପୁସ୍ତକ ଓ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା। ଗଣିତ ଶିକ୍ଷକ ବିଚିତ୍ରାନନ୍ଦ ସାହୁ ମୁଖ୍ୟ ସଂଯୋଜକ ଥିଲେ। ପାଠ୍ୟ ସହଗାମୀ ଗତିବିଧି ପ୍ରଭାରୀ ଅକ୍ଷୟ କୁମାର ସାହୁ ଟିଜିଟି ସଂସ୍କୃତଙ୍କ ସଭା ସଞ୍ଚାଳନ ଏବଂ ଧନ୍ୟବାଦ ଜ୍ଞାପନ ପରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ

**ଖଣ୍ଡପଡ଼ା,୨୪।୧(ଅଜୟ କୁମାର ମହାରଣା)**

ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବୁଧବାର ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଶିଶୁ କନ୍ୟା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁକନ୍ୟାମାନଙ୍କୁ ସାମାଜିକ ସୁରକ୍ଷା ସହ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଅତିଥିମାନେ ମତ ଦେଇଥିଲେ। ସେହିପରି କୁମ୍ଭାରପଡ଼ା ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଦିବସ ପାଳନ ଅବସରରେ ହାତରେ ବିଭିନ୍ନ ପ୍ଲାକ କାର୍ଡ ଧରି ଶିଶୁକନ୍ୟା ଦିବସ ସମ୍ପର୍କରେ ସଚେତନ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଶିଶୁକନ୍ୟା ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ବ୍ଲକ୍‌ସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

**ନୂଆଗାଁ,୨୪।୧ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧି ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ନିମନ୍ତେ ସରକାର ଓଡ଼ିଶାର କଳା ସଂସ୍କୃତିକୁ ବ୍ୟବହାର କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହିକ୍ରମରେ ଓଡ଼ିଶାରେ ଥିବା ବିଭିନ୍ନ କଳାକାରମାନେ କିଭଳି ପଞ୍ଚାୟତଗୁଡ଼ିକ ବୁଲି ଲୋକ କଳା ମାଧ୍ୟମରେ ସରକାରଙ୍କ ବିକାଶ ମୂଳକ ଯୋଜନା, କାର୍ଯ୍ୟକ୍ରମ ଆଦିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବେ ସେ ନେଇ କଳାକାରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ୨୦ଟି ଦଳର ପ୍ରାୟ ୧୫୦ଜଣ କଳାକାର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ସରକାରଙ୍କ ୧୬ ଟି ଯୋଜନାକୁ ପାଲା, ଦାସକାଠିଆ, ସଂକୀର୍ତ୍ତନ, ଦୂଆରି ଆଦି ଲୋକ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଲୋକାଭିମୂଖୀ କରାଇବାକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ମାଟିର ସ୍ୱର ସାରା ଓଡ଼ିଶାରେ ପହଞ୍ଚିବା ଦରକାର



ମାଟିର ସ୍ୱର ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଦଶପଲ୍ଲା,୨୪।୧(ପ୍ରକାଶ କୁମାର ପାଣି)**

ଦଶପଲ୍ଲାର ମେଳିଆ ତୋଟାରେ ମାଟିର ସ୍ୱର ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବର୍ଷୀୟାନ ସର୍ବୋଦୟ କର୍ମୀ ବିନୋଦ ମହାନ୍ତି ଯୋଗଦାନ କରିଥିବା ବେଳେ ପଦ୍ମଶ୍ରୀ ସାବରମତୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଏ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ସବୁଜ ଶାନ୍ତି ସଂଗ୍ରାମୀ ଡ. ଦିଲୀପ ଶ୍ରୀଚନ୍ଦନ, ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଡ. ବାସନ୍ତୀ ମହାନ୍ତି, ଡ. ଦାଶରଥି ଭୂୟାଁ, ବିଶିଷ୍ଟ ସାହିତ୍ୟିକ ନିରଞ୍ଜନ ସାହୁ, ଡ. ରାମଚନ୍ଦ୍ର ନାୟକ, ଡ. ରମେଶ ଚନ୍ଦ୍ର ନାୟକ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଏ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଶାଣିତ ସାହିତ୍ୟ ମାଧ୍ୟମରେ ସ୍ୱର ଉତ୍ତୋଳନ କରୁଥିବା ମାଟି ମଣିଷଙ୍କ ସ୍ୱର ଯଥାର୍ଥରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପହଞ୍ଚିବା ଆବଶ୍ୟକ ଏବଂ ଏହି ଉତ୍ସବରେ ଓଡ଼ିଶାର ୨୦ଟି ଜିଲାରୁ ପ୍ରାୟ ଶତାଧିକ କବି, ଲେଖକ, ସାମାଜିକ କର୍ମୀ ଯୋଗଦାନ କରିବା ସହ ଆନୁଷ୍ଠାନିକ ଭାବେ ସେମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ବରେଣ୍ୟ ଅତିଥିମାନେ ମାଟି ମଣିଷ କବିତା ସଙ୍କଳନ ଲୋକାର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ନୟାଗଡ଼,୨୪।୧ (ଲୋକନାଥ ମିଶ୍ର)**

## ବଂଶୀଧର ମହାବିଦ୍ୟାଳୟ



ନୟାଗଡ଼ ବ୍ଲକ ଇଟାମାଟିର ବଂଶୀଧର ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କର ନୂଆ-ଓ ଯୋଜନାରେ ଓଡ଼ିଆ ସାହିତ୍ୟର ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରପ୍ରସାଦ ରଣସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ପ୍ରତିଷ୍ଠିତ ବ୍ୟଙ୍ଗକାର ସତ୍ୟାନାଶଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ସହ ଓଡ଼ିଆ ପ୍ରବନ୍ଧ, କୁଇଜ୍, ପାରମ୍ପରିକ ଓଡ଼ିଆ ଖାଦ୍ୟ, ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ହିସାବରେ ଅଧ୍ୟାପିକା ରୀନାବାଳା ସାହୁଙ୍କ ସହ ଅଧ୍ୟାପିକା ନମିତା ଦଳାଇ, ସୁଜାତା ସାହୁ, ସ୍ୱର୍ଣ୍ଣାକ୍ଷୀ ହୋତା, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ପ୍ରଭାସ ରଞ୍ଜନ ତ୍ରିପାଠୀ, ସୁରେଶ ମାଣ୍ଡାଇ, ଭଗବାନ ଦାଶ, ଚିତ୍ତରଞ୍ଜନ ରାଉତ, ଅରୁଣ କୁମାର ସାହୁ, ସୂର୍ଯ୍ୟନାରାୟଣ ପ୍ରଧାନ ଓ ସନ୍ତୋଷ କୁମାର ସାଥୁଆ ଅଂଶଗ୍ରହଣ କରିଥିଲେ।

# ପିଲାଙ୍କ ମାନସିକ, ବୌଦ୍ଧିକ ପ୍ରତିଭା ବିକାଶ ହେବ




ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ।

**ଖଣ୍ଡପଡ଼ା,୨୪।୧(ଅଜୟ କୁମାର ମହାରଣା)**

## ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ପକ୍ଷରୁ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଡିଓ ଅଙ୍କୁର ଅଭିଳାଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ଉପଯୋଗିତା, ସମ୍ପୃକ୍ତି ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡ଼ା ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ବୌଦ୍ଧିକ, ମାନସିକ ତଥା ସାଂସ୍କୃତିକ ବିକାଶ ପାଇଁ ଏହା ଏକ ଅନନ୍ୟ ମଞ୍ଚ ବୋଲି ଅଧ୍ୟକ୍ଷା ମହାପାତ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ୧୪ ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ୪୫ ଜଣ ଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପୁରସ୍କାର ସ୍ୱରୂପ ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

# ନ୍ୟାୟ ନ ମିଳିବାରୁ ଫାଣ୍ଡିର ଦ୍ୱାରସ୍ଥ ହେଲେ ବୋହୂ

**ନୂଆଗାଁ, ୨୪।୧ (ଧନେଶ୍ୱର ସାହୁ)**

## ଶ୍ୱଶୁରଘର ଆଗରେ ବୋହୂଙ୍କ ଧାରଣା ଦେବା ଘଟଣା



କାବେରୀ ମାଆଙ୍କ ସହ ଫାଣ୍ଡିକୁ ଅଭିଯୋଗ ପାଇଁ ଆସିଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଡଗାଁ ଥାନା ବାହାଡ଼ାଝୋଲା ଗ୍ରାମରେ ନ୍ୟାୟ ଦାବିରେ ଶ୍ୱଶୁର ଘର ଆଗରେ ୨୪ ଘଣ୍ଟା ଧାରଣାରେ ବୋହୂ କାବେରୀ ସେନାପତି ବସିଥିଲେ। ତେବେ ଧାରଣା ଦେଇଥିବା କାବେରୀଙ୍କୁ ନ୍ୟାୟ ଦେବାକୁ ଯାଇ ଘର ନିର୍ମାଣ କରିବାକୁ ୮ ହାତ ଜାଗା, ୫୦ ହଜାର ଟଙ୍କା ଏବଂ ୬ ମାସ ପାଇଁ ଚାଉଳ ଡାଲି ଯୋଗାଇ ଦେବେ ବୋଲି ଶ୍ୱଶୁର ଥାନାରେ ପ୍ରତିଶ୍ରୁତି ଦେବା ପରେ କାବେରୀ ଧାରଣାରୁ ଉଠିଥିଲେ। କିନ୍ତୁ ଧାରଣାରୁ ଉଠିବାର ଦୀର୍ଘ ୧୮ ଦିନ ବିତି ଯାଇଥିଲେ ମଧ୍ୟ କାବେରୀଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ବୁଧବାର ସେ ବାହାଡ଼ାଝୋଲା ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ନୂଆଗାଁ ବ୍ଲକ ବାହାଡ଼ାଝୋଲା ଗ୍ରାମର ଅଜିତ ପ୍ରଧାନ ଓଡ଼ଗାଁ ଥାନା ଡହଙ୍ଗି ଗ୍ରାମର ରବୀନ୍ଦ୍ର ସେନାପତିଙ୍କ ଝିଅ କାବେରୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଉଭୟେ ପୁରୀରେ ରହୁଥିବା ସମୟରେ କାବେରୀ ୪ ମାସର ଗର୍ଭବତୀ ହୋଇ ବାହାଡ଼ାଝୋଲା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗରୁ ଟୀକା ନେଇଥିଲେ। କିନ୍ତୁ କିଛିଦିନ ପରେ କାବେରୀଙ୍କ ଅଜାଣତରେ ସ୍ୱାମୀ ଅଜିତ୍ ଗର୍ଭ ନଷ୍ଟ କରାଇ ଦେବା ସହ କାବେରୀଙ୍କୁ ପୁରୀରେ ଛାଡି ପଳାଇ ଆସିଥିଲେ। ଦୀର୍ଘଦିନ ଅପେକ୍ଷା କରିବା ପରେ ସ୍ୱାମୀ ନ ଫେରିବାରୁ କାବେରୀ ବାଧ୍ୟ ହୋଇ ନିଜ ଘରକୁ ଫେରି ଆସିଥିଲେ। କାବେରୀ ସ୍ୱାମୀ ଅଜିତଙ୍କୁ ଫୋନ କରିବାରେ ମୁଁ ଆଉ ତୋତେ ନେବି ନାହିଁ ବୋଲି ରୋକଠୋକ ସେ ଶୁଣାଇ ଦେଇଥିଲେ। ତେବେ ନିରୁପାୟ ହୋଇ ୬ ତାରିଖରେ ବାହାଡ଼ାଝୋଲାସ୍ଥିତ ଶ୍ୱଶୁରଙ୍କ ଦୁଆରେ ବୋହୂ କାବେରୀ ଧାରଣା ଦେଇଥିଲେ। ଓଡ଼ଗାଁ ପୋଲିସ କାବେରୀ ଓ ତାଙ୍କ ଶ୍ୱଶୁରଙ୍କୁ ଥାନାକୁ ଡାକି ବୁଝାଶୁଝା କରିବାରେ ୧୫ ଦିନ ଭିତରେ ଅଜିତଙ୍କୁ ଡାକି ଫୁଲଶ୍ୱର ମନ୍ଦିରରେ ବୈଦିକ ରୀତିନୀତିରେ ଉଭୟଙ୍କ ବିବାହ କରାଇବେ। ଏଥିସହ ଘର ନିର୍ମାଣ କରିବା ପାଇଁ ୮ ହାତ ଜାଗା, ୫୦ ହଜାର ଟଙ୍କା ଏବଂ ୬ ମାସ ପାଇଁ ଚାଉଳ ଡାଲି ଯୋଗାଇ ଦେବେ ବୋଲି ଶ୍ୱଶୁର ଶଙ୍କର୍ଷଣ ପ୍ରଧାନ ଥାନାରେ ପ୍ରତିଶ୍ରୁତି ଦେବାରେ କାବେରୀ ଧାରଣାରୁ ଓହରିଥିଲେ। କିନ୍ତୁ ପ୍ରତିଶ୍ରୁତି ପୂରଣ ନ ହେବାରୁ କାବେରୀ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ରବିବାର ଏହାର ଅପୋଷ ସମାଧାନ କରାଯିବ ବୋଲି ଦିନ ଧାର୍ଯ୍ୟ କରାଯାଇଥିବା କାବେରୀ କହିଛନ୍ତି।

# ଅନୁପଯୋଗୀ କୋଠାକୁ ବିପଦସଙ୍କୁଳ ଘୋଷଣାକର

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)

ବିଦ୍ୟାଳୟର କୌଣସି ଭଗ୍ନ ଗୃହରେ ଛାତ୍ରୀଛାତ୍ର ବସିବେ ନାହିଁ। ଏଥିପାଇଁ ଅନୁପଯୋଗୀ କୋଠାଗୁଡିକୁ ବିପଦସଙ୍କୁଳ ଘୋଷଣାକର। ଏଥିସହ ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଅ। ବୁଧବାର ଜଗତ୍‌ସିଂହପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠ ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକରେ ଜିଲାପାଳ ପାରୁଲ ପଟାୱାରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲା ଅଧିକାରୀମାନଙ୍କୁ ସେମାନଙ୍କ ବିଭାଗର ବିଭିନ୍ନ ଯୋଜନା ନିମନ୍ତେ ହିତାଧିକାରୀ ଚୟନ ସମୟରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ବିଭାଗୀୟ ଅଧିକାରୀମାନଙ୍କୁ ନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସଫଳତା ସମ୍ପର୍କିତ ଭିଡିଓ ପ୍ରଦର୍ଶନ ସହ ପିଆର୍‌ଆଇ ସଦସ୍ୟମାନଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ କରି ଯୋଜନା ସମ୍ପର୍କରେ ସୂଚନା ଦେବାକୁ କହିଥିଲେ। ବିଦ୍ୟାଳୟଗୁଡିକରେ



ବୈଠକରେ ଜିଲାପାଳ ପାରୁଲ ପଟାୱାରି, ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

## ଷଷ୍ଠ ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକ

- ବିଦ୍ୟାଳୟର କୌଣସି ଭଗ୍ନ ଗୃହରେ ଛାତ୍ରୀଛାତ୍ର ବସିବେ ନାହିଁ
- ଆଶ୍ରୟସ୍ଥଳଗୁଡିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ

ମହାବାତ୍ୟା ସମୟରେ ଗଢ଼ାଯାଇଥିବା ଆଶ୍ରୟସ୍ଥଳଗୁଡ଼ିକ ମଧ୍ୟରୁ କିଛି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଗୁଡ଼ିକର ପୁନରୁଦ୍ଧାର ହୋଇପାରିଲେ ବିଦ୍ୟାଳୟ ପରିସରରେ ଦେଖା ଦେଉଥିବା ଜାଗା ସମସା ଦୂର ହୋଇପାରିବ ବୋଲି ମୁଦୁଲି କହିଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂଯୋଜିତ ବିଭିନ୍ନ ଯୋଜନାଗୁଡିକର ତ୍ୱରିତ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁନନ୍ଦନ ଦାସ ଉପସ୍ଥିତ ରହି ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଦ୍ୟାଳୟ ଭିତ୍ତିଭୂମି ଓ ବିକାଶ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବିଦ୍ୟାଳୟର ଆବଶ୍ୟକତା ଅନୁସାରେ ଦେଖା ଦେଉଥିବା ସମସ୍ୟା ଦୂର ପାଇଁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମଧ୍ୟ ଉପସ୍ଥିତ ଥିଲେ।। ବୈଠକରେ କୃଷି ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଚାଷ, ମିଲେଟ ମିଶନ ଅନ୍ତର୍ଗତ ବିରିଡ଼ି ବ୍ଲକରେ ୫୮ ହେକ୍ଟର ଚାଷ, ମୃତ୍ତିକା ପରୀକ୍ଷା, ଫସଲ ବୀମା ଓ କାଳିଆ ଯୋଜନା ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଫିଜିଓଥେରାପି ସେଣ୍ଟରର କାର୍ଯ୍ୟକାରିତାକୁ ତଦାରଖ କରିବା, ଡାକ୍ତରଙ୍କ କ୍ୱାର୍ଟରଗୁଡ଼ିକର ପୁନରୁଦ୍ଧାର, ଜିଲାରେ ଡାକ୍ତର ନିଯୁକ୍ତି, ରାଜ୍ୟ ସରକାରଙ୍କ ନିରାମୟ ଓ ନିଦାନ କେନ୍ଦ୍ରରୁ ମାଗଣାରେ ଔଷଧ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ଗୁଡିକର ମରାମତି ଓ ପାଚେରି ନିର୍ମାଣର ଆବଶ୍ୟକତା ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲା। ବାଲିକୁଦା–ଏରସମାରେ ମେଗା ପାନୀୟ ଜଳ ପ୍ରକଳ୍ପ ମାର୍ଚ୍ଚ ସୁଦ୍ଧା ଶେଷ ହେବା ଦ୍ୱାରା ୧୨୦ଟି ଗ୍ରାମରେ ହର ଘର ଜଳ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେବ ବୋଲି କୁହାଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ବୈଠକରେ ନିଜ ମତ ରଖିଥିଲେ। ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଯୋଜନା ଉପରେ ଆଲୋଚନା ହୋଇଥିଲା।

# ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନର ବୈଠକ




ବୈଠକରେ ଆସୋସିଏଶନର କର୍ମକର୍ତ୍ତା ଓ ଅତିଥି।

**ଯାଜପୁର ଟାଉନ, ୨୪।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ଯାଜପୁର ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ପ୍ରଦୀପ କରଙ୍କ ଅଧ୍ୟକ୍ଷତାରେ କଟକ ଡିଭିଜନର ମାର୍କେଟିଂ ମ୍ୟାନେଜର ରାଜଶେଖର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କଟକ ଡିଭିଜନର ଚିଫ୍ ମ୍ୟାନେଜର ପ୍ରଭୁ ଦାସ, ଡିଭିଜନାଲ ସେକ୍ରେଟାରି ଜ୍ଞାନେନ୍ଦ୍ର କୁମାର ମିଶ୍ର, ଉଦ୍‌ଘୋଷକ ବିରଞ୍ଚି ନାରାୟଣ ଦାସ, ଯାଜପୁରରୋଡ ବ୍ରାଞ୍ଚ୍ ମ୍ୟାନେଜର ଗୀତିକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ଏଲ୍‌ଆଇସି ଏଜେଣ୍ଟମାନଙ୍କ ନାନା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଜେଣ୍ଟମାନଙ୍କ ପାଇଁ ଅନେକ ପରିବାର କଠିନ ସମୟରେ କିଭଳି ଆର୍ଥିକ ସମସ୍ୟାରୁ ରକ୍ଷା ପାଇପାରୁଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ରାୟ ବାର୍ଷିକ ବିବରଣୀ ପାଠ କରି ଆସୋସିଏସନ ପକ୍ଷରୁ ବିଗତ ଦିନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଅଭିକର୍ତ୍ତା ଦେବବ୍ରତ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଅଭିକର୍ତ୍ତା ଭାବଗ୍ରାହୀ ପାଢ଼ୀ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁପ୍ରସାଦ ମହାପାତ୍ର ଓ ଅକ୍ଷୟ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ଅନିରୁଦ୍ଧ ମିଶ୍ର, ଅମ୍ରେଶ ମିଶ୍ର, ମହେଶ୍ୱର ନନ୍ଦ, ମନୋରଞ୍ଜନ ମହାନ୍ତି, ଅଜୟ ଅଧିକାରୀ, ଅରୁନ୍ଧତୀ ଯେନା, ପ୍ରଶାନ୍ତ ପତି, ନିହର ଜେନା, ଜ୍ଞାନେନ୍ଦ୍ର ପୁହାଣ, ବିଶ୍ୱଜିତ ନାୟକ ଓ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଉପସ୍ଥିତ ଥିଲେ।

# ବାଳିକା ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ

**ରଘୁନାଥପୁର, ୨୪।୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ରେଢୁଆ ବିସି ଜୁନିୟର କଲେଜରେ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ବାଳିକା ଆତ୍ମ ସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ବାଳିକା ଏହି କୌଶଳକୁ ଆପଣେଇବା ସହ ଆବଶ୍ୟକ ସ୍ଥଳେ ଏହାକୁ ପ୍ରୟୋଗ କରି ନିଜକୁ ପ୍ରାଥମିକ ସୁରକ୍ଷା ଦେବାକୁ ସେ ତାଙ୍କ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ତେବେ ଜରୁରୀ ନ ଥିବା ସ୍ଥାନରେ ଏହାକୁ ପ୍ରୟୋଗ କରିବା ଅନୁଚିତ ବୋଲି ଶିକ୍ଷାବିତ୍ ରଥ ସତର୍କ କରାଇ ଦେଇଥିଲେ। ନିଜର ସଂଯମତା ଓ ବିବେକି ପଣିଆ ସର୍ବଦା ସୁରକ୍ଷିତ ବୋଲି ଅଧ୍ୟକ୍ଷ ପ୍ରଫେସର ପଣ୍ଡା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଗଦାଧର ପାଣି, ସରୋଜକାନ୍ତ ମିଶ୍ର, ମନୋଜ କୁମାର ଦାସ, ଆଲୋକ ପ୍ରଧାନ, ଅଧ୍ୟାପିକା ସ୍ମିତାରଣୀ ପ୍ରଧାନ, ସୁଜାତା ଦାସ, ସ୍ୱାଗତିକା ଦାସ, ଶାଶ୍ୱତୀ ନନ୍ଦ ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଯୋଗଦେଇ ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଅଧ୍ୟାପକ ବଳରାମ ପାଲ ଅତିଥି ପରିଚୟ ସହ ସଭା ସଞ୍ଚାଳନ ଓ ଶିକ୍ଷା କର୍ମଚାରୀ ବାବୁଲି ସ୍ୱାଇଁ, ନକୁଳ ନାୟକ ଓ ବଟକୃଷ୍ଣ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଏଥିରେ ୧୪୫ ଜଣ ଛାତ୍ରୀ ସାମିଲ ହୋଇ ତାଲିମ ନେବେ। ଆସନ୍ତା ୭ ଦିନ ଧରି ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇବେ।

# କେନ୍ଦ୍ର ଯୋଜନାର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣକର

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)

## ଦିଶା ବୈଠକ

କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡିକରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟକୁ ପ୍ରତ୍ୟେକଙ୍କ ସହଯୋଗରେ ପୂର୍ଣ୍ଣ କର। ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକରେ ପୌରୋହିତ୍ୟ କରି ଏମ୍‌ପି ରାଜଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୋଜନାଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ସାମାଜିକ ସୁରକ୍ଷାର ସମସ୍ତ କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ, ପ୍ରଧାନମନ୍ତ୍ରୀ ଏମ୍ପ୍ଲଇମେଣ୍ଟ ଜେନେରେଶନ୍ ପ୍ରୋଗ୍ରାମ, ଜାତୀୟ ରାଜପଥ, ଟେଲିକମ ଓ ଡ୍ରେନେଜ ଆଦି ବିଭାଗୀୟ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବାଲିକୁଦା–ଏରସମା ବିଧାୟକ ରଘୁନନ୍ଦନ ଦାସ ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା କାମ ଉନ୍ନତମାନର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ, ଜିଲା ପରିଷଦ ସଭାପତି, ଜିଲା ପରିଷଦ ସଭ୍ୟାସଭ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷ, ପାରାଦୀପ ଓ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ ଓ କ୍ଷେତ୍ରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଏରସମା, ୨୪।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଗୋଡ଼ା ପଞ୍ଚାୟତ ପଡ଼ିଆରେ ବୁଧବାର ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ବିଜେଡି ସଭାପତି ଭରତ ଦଳାଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ, ଏମ୍‌ବିକେ ଲତିକା ସ୍ୱାଇଁ, ଜିଆର୍‌ଏସ୍ ମନୋରମା ସ୍ୱାଇଁ, ସାମାଜିକ କର୍ମୀ ରବୀନ୍ଦ୍ର ନାୟକ, ପ୍ରତାପ ସାହୁ, ସଞ୍ଜୟ ଦାସ, ନକୁଳ ନାୟକ ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା, ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନବୀନ ସ୍ୱାସ୍ଥ୍ୟ ବୀମା କାର୍ଡ, ୫– ଟିରେ ବିଦ୍ୟାଳୟ ଗୃହ ରୂପାନ୍ତରୀକରଣ, ଖାଦ୍ୟ ସୁରକ୍ଷା ଯୋଜନା, କୃଷି ଓ କୃଷକ କଲ୍ୟାଣ ଯୋଜନା, ଆଦର୍ଶ ବିଦ୍ୟାଳୟ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

**ବଡ଼ଚଣା, ୨୪।୧ (ଦିଲୀପ କୁମାର ମହାନ୍ତି):**

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନୀ ଅବସରରେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଭଜନ, ଲୋକନୃତ୍ୟ ପରିବେଷଣ କରାଯିବା ସହ ଓଡ଼ିଆ ସିନେମା ଆଦି ପ୍ରଦର୍ଶନ କରାଯାଇଥିଲା। କଣ୍ଠଶିଳ୍ପୀ କୌଶିକ କୁମାର, ଦୀପ୍ତି ମିଶ୍ର, ବବି ଅନୁସୟା, ସଙ୍ଗୀତ ନିର୍ଦ୍ଦେଶକ ପ୍ରମୋଦ ପରିଡ଼ା, ନୃତ୍ୟ ନିର୍ଦ୍ଦେଶକ ଦେବାଶିଷ ଦେବ ପ୍ରମୁଖ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ।

ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଯୋଗଦେଇ ଆଧୁନିକତାର ଚାକଚକ୍ୟରେ ଆମ ଓଡ଼ିଆମାନଙ୍କ ମନରୁ ହଜିଯାଉଥିବା ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ଲୋକ ନୃତ୍ୟକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟ ସରକାର ଏହି ଅଭିନବ ଉପାୟ ଅବଲମ୍ବନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କିଟି ସଭାପତି ବିନାୟକ ପଣ୍ଡା, ଜିଲା ନୋଡାଲ ଅଫିସର ସୁରେଶ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ବିଜୟକେତନ ସାମଲ, ବିରଞ୍ଚି ନାୟକ, ଡ. ସୁଜାତା ସେନାପତି, ସ୍ୱର୍ଣ୍ଣପ୍ରଭା ରାଉତରାୟ, ଡଲିନ୍‌ବାଳା ସାମଲ, ଦୀପ୍ତିମୟୀ ନାୟକ, ନିବେଦିତା ସ୍ୱାଇଁ, ମନୋରଞ୍ଜନ ସାହୁ ଓ ସଂଘମିତ୍ରା ସାହୁ ପ୍ରମୁଖ ସହଯୋଗ କରିଥିଲେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

70th NATIONAL FILM AWARDS 2022
CALL FOR ENTRIES
Films and Writing on Cinema

ELIGIBILITY

Feature & Non-Feature
Certified by CBFC
with English Subtitles

Books, Articles/Reviews
on Cinema
Published

From 01/01/2022 to 31/12/2022
(Both days inclusive)

For any queries call 011-26499378/357
(9:30 AM – 5:00 PM on weekdays)

Visit www.mib.gov.in for the regulations and to apply online
Submission of online applications till 30/01/2024 (by 5:00 PM)

All documents must be sent to the given address:
National Film Awards Cell
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

Email: 70nfa2022@gmail.com
Website: www.mib.gov.in

CBC 22201/11/0154/2324

# ପଥରପଦା ନେତାଜୀ କ୍ଲବ୍ ବାର୍ଷିକୋତ୍ସବ




ନେତାଜୀ କ୍ଲବ୍ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

**ପାଣିକୋଇଲି, ୨୪।୧ (ବିକାଶ ମଲ୍ଲିକ):**

ପଥରପଦା ନେତାଜୀ କ୍ଲବ୍ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ଘଡ଼ାଇଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା କରାଯିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ମମତା ପଣ୍ଡାଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତିରୁପତି ପାଣିଗ୍ରାହୀ, ଖବରଦାତା ସୁବାସ ଧଳ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ମଦନମୋହନ ବେହେରା, ନାରାୟଣ ଚନ୍ଦ୍ର ଧଳ, ଶତ୍ରୁଘ୍ନ ନାୟକ, ସୂର୍ଯ୍ୟମଣି ପଣ୍ଡା ଓ ଯାତ୍ରା ଅଭିନେତା ଅରିକ୍ଷିତ ଦାସ(ଭିକାରୀ)ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ତିରୁପତି ପାଣିଗ୍ରାହୀ ଓ ଭିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ବେହେରା, ଅଶୋକ କୁମାର ବେହେରା, ମାନସ ସାହୁ, ପ୍ୟାରୀମୋହନ ବାରିକ, ପର୍ଶୁରାମ ବେହେରା, ରବୀନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଞ୍ଜନ ସାହୁ, ଅନିରୁଦ୍ଧ ବାରିକ, ସୁଧାଂଶୁ ବାରିକ, ଉମେଶ ବାରିକ ଓ ଅମିୟ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ ଉପଦେଷ୍ଟା ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ।

**୩୦ ୟୁନିଟ୍ ରକ୍ତ ସଂଗ୍ରହ**

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ):ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ଆଞ୍ଚଳିକ ଯୁବକ ସଂଘ ନାଲିବର ପକ୍ଷରୁ ତୃତୀୟ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠୀ, ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ଉପଦେଷ୍ଟା ପଦ୍ମଚରଣ ସାହୁ ଓ ମନୋଜ କୁମାର ମହାନ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସଂଘର ସଭାପତି ତ୍ରିଲୋଚନ ପାତ୍ର ଓ ସମ୍ପାଦକ ସ୍ମୃତିରଞ୍ଜନ ବେହେରା ଶିବିରକୁ ପରିଚାଳନା କରିଥିଲେ।

# ଅନୁପଯୋଗୀ କୋଠାକୁ ବିପଦସଙ୍କୁଳ ଘୋଷଣାକର

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)


ବୈଠକରେ ଜିଲାପାଳ ପାରୁଲ ପଟାୱାରି, ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

## ଷଷ୍ଠ ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକ

- ବିଦ୍ୟାଳୟର କୌଣସି ଭଗ୍ନ ଗୃହରେ ଛାତ୍ରୀଛାତ୍ର ବସିବେ ନାହିଁ
- ଆଶ୍ରୟସ୍ଥଳଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ

ବିଦ୍ୟାଳୟର କୌଣସି ଭଗ୍ନ ଗୃହରେ ଛାତ୍ରୀଛାତ୍ର ବସିବେ ନାହିଁ। ଏଥିପାଇଁ ଅନୁପଯୋଗୀ କୋଠାଗୁଡ଼ିକୁ ବିପଦସଙ୍କୁଳ ଘୋଷଣାକର। ଏଥିସହ ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଅ। ବୁଧବାର ଜଗତ୍‌ସିଂହପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠ ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକରେ ଜିଲାପାଳ ପାରୁଲ ପଟାୱାରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲା ଅଧିକାରୀମାନଙ୍କୁ ସେମାନଙ୍କ ବିଭାଗର ବିଭିନ୍ନ ଯୋଜନା ନିମନ୍ତେ ହିତାଧିକାରୀ ଚୟନ ସମୟରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ବିଭାଗୀୟ ଅଧିକାରୀମାନଙ୍କୁ ନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସଫଳତା ସମ୍ପର୍କିତ ଭିଡିଓ ପ୍ରଦର୍ଶନ ସହ ପିଆର୍‌ଆଇ ସଦସ୍ୟମାନଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ କରି ଯୋଜନା ସମ୍ପର୍କରେ ସୂଚନା ଦେବାକୁ କହିଥିଲେ। ବିଦ୍ୟାଳୟଗୁଡ଼ିକରେ ମହାବାତ୍ୟା ସମୟରେ ଗଢ଼ାଯାଇଥିବା ଆଶ୍ରୟସ୍ଥଳଗୁଡ଼ିକ ମଧ୍ୟରୁ କିଛି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଗୁଡ଼ିକର ପୁନରୁଦ୍ଧାର ହୋଇପାରିଲେ ବିଦ୍ୟାଳୟ ପରିସରରେ ଦେଖା ଦେଉଥିବା ଜାଗା ସମସ୍ୟା ଦୂର ହୋଇପାରିବ ବୋଲି ମୁଦୁଲି କହିଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂଯୋଜିତ ବିଭିନ୍ନ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁନନ୍ଦନ ଦାସ ଉପସ୍ଥିତ ରହି ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଦ୍ୟାଳୟ ଭିତ୍ତିଭୂମି ଓ ବିକାଶ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବିଦ୍ୟାଳୟର ଆବଶ୍ୟକତା ଅନୁସାରେ ଦେଖା ଦେଉଥିବା ସମସ୍ୟା ଦୂର ପାଇଁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମଧ୍ୟ ଉପସ୍ଥିତ ଥିଲେ।। ବୈଠକରେ କୃଷି ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଚାଷ, ମିଲେଟ ମିଶନ ଅନ୍ତର୍ଗତ ବିରିଡ଼ି ବ୍ଲକରେ ୫୮ ହେକ୍ଟର ଚାଷ, ମୃତ୍ତିକା ପରୀକ୍ଷା, ଫସଲ ବୀମା ଓ କାଳିଆ ଯୋଜନା ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଫିଜିଓଥେରାପି ସେଣ୍ଟରର କାର୍ଯ୍ୟକାରିତାକୁ ତଦାରଖ କରିବା, ଡାକ୍ତରଙ୍କ କ୍ୱାର୍ଟରଗୁଡ଼ିକର ପୁନରୁଦ୍ଧାର, ଜିଲାରେ ଡାକ୍ତର ନିଯୁକ୍ତି, ରାଜ୍ୟ ସରକାରଙ୍କ ନିରାମୟ ଓ ନିଦାନ କେନ୍ଦ୍ରରୁ ମାଗଣାରେ ଔଷଧ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ଗୁଡ଼ିକର ମରାମତି ଓ ପାଚେରି ନିର୍ମାଣର ଆବଶ୍ୟକତା ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲା। ବାଲିକୁଦା-ଏରସମାରେ ମେଗା ପାନୀୟ ଜଳ ପ୍ରକଳ୍ପ ମାର୍ଚ୍ଚ ସୁଦ୍ଧା ଶେଷ ହେବା ଦ୍ୱାରା ୧୨୦ଟି ଗ୍ରାମରେ ହର ଘର ଜଳ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେବ ବୋଲି କୁହାଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ବୈଠକରେ ନିଜ ମତ ରଖିଥିଲେ। ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଯୋଜନା ଉପରେ ଆଲୋଚନା ହୋଇଥିଲା।

# ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ

ଏରସମା,୨୪।୧ ( ଦୀପ୍ତି ରଞ୍ଜନ ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୧୦ ଜାନୁଆରୀରୁ ଚାଲିଥିବା ନୂଆ – ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ଅଧ୍ୟାପକ ଅରୁଣ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଉପସ୍ଥିତ ହୋଇ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ, ପ୍ରତ୍ୟେକ ଓଡ଼ିଆ ଏଥିରେ ଅନୁପ୍ରାଣିତ ହେବା ଉଚିତ ବୋଲି କହିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ବିଭୁ ରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପୂର୍ବତନ ଅଧ୍ୟକ୍ଷ ଜଗନ ମୋହନ ସାହୁ, ଅଧ୍ୟାପକ ଡ. ଶରତଚନ୍ଦ୍ର ପରିଡା, ପୂର୍ବତନ ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ନୋଡାଲ ଅଫିସର ଡ. ଅର୍ଚ୍ଚନା ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଓଡ଼ିଆ ନାଟକ, କବିତା, ପ୍ରବନ୍ଧ ଲିଖନ, ବକ୍ତୃତା, କାହାଣୀ ଆଦି ପ୍ରତିଯୋଗିତାରେ ଉଭୟ ଯୁକ୍ତ ୨, ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ହାସଲକାରୀଙ୍କୁ ୨୦୦୦, ଦ୍ୱିତୀୟକୁ ୧୫୦୦ ଏବଂ ତୃତୀୟକୁ ୧୦୦୦ ଅର୍ଥରାଶି ସହ ପ୍ରମାଣ ପତ୍ର ଦିଆଯାଇଥିଲା। ଏଭଳି ମୋଟ୍ ୪୮ ଜଣ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏଥିରେ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଜନସଚେତନତା ସୃଷ୍ଟି କରାଯାଉଛି।

ଏରସମା,୨୪।୧(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତ ପଡ଼ିଆରେ ବୁଧବାର ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଗୋଡ଼ା ପଞ୍ଚାୟତ ବିଜେଡି ସଭାପତି ଭରତ ଦଳାଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ, ଏମ୍‌ବିକେ ଲତିକା ସ୍ୱାଇଁ, ଜିଆର୍‌ଏସ୍ ମନୋରମା ସ୍ୱାଇଁ, ସାମାଜିକ କର୍ମୀ ରବୀନ୍ଦ୍ର ନାୟକ, ପ୍ରତାପ ସାହୁ, ସଞ୍ଜୟ ଦାସ, ଉମେଶ ଲେଙ୍କା, ନୋଡାଲ ଅଫିସର୍ କାର୍ତ୍ତିକ ସ୍ୱାଇଁ, ଓଡ଼ିଶା ଜୀବିକା ମିଶନ ବ୍ଲକ ସଯୋଜକ ଜ୍ଞାନ ରଞ୍ଜନ ବାରିକ, ନକୁଳ ନାୟକ ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା, ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନବୀନ ସ୍ୱାସ୍ଥ୍ୟ ବୀମା କାର୍ଡ, ୫– ଟିରେ ବିଦ୍ୟାଳୟ ଗୃହ ରୂପାନ୍ତରୀକରଣ, ଖାଦ୍ୟ ସୁରକ୍ଷା ଯୋଜନା, କୃଷି ଓ କୃଷକ କଲ୍ୟାଣ ଯୋଜନା, ଆଦର୍ଶ ବିଦ୍ୟାଳୟ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା।

# ବାଳିକା ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ

ରଘୁନାଥପୁର,୨୪।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆ ବିସି ଜୁନିୟର କଲେଜରେ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ବାଳିକା ଆତ୍ମ ସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ବାଳିକା ଏହି କୌଶଳକୁ ଆପଣେଇବା ସହ ଆବଶ୍ୟକ ସ୍ଥଳେ ଏହାକୁ ପ୍ରୟୋଗ କରି ନିଜକୁ ପ୍ରାଥମିକ ସୁରକ୍ଷା ଦେବାକୁ ସେ ତାଙ୍କ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ତେବେ ଜରୁରୀ ନ ଥିବା ସ୍ଥାନରେ ଏହାକୁ ପ୍ରୟୋଗ କରିବା ଅନୁଚିତ ବୋଲି ଶିକ୍ଷାବିତ୍ ରଥ ସତର୍କ କରାଇ ଦେଇଥିଲେ। ନିଜର ସଂଯମତା ଓ ବିବେକି ପଣିଆ ସର୍ବଦା ସୁରକ୍ଷିତ ବୋଲି ଅଧ୍ୟକ୍ଷ ପ୍ରଫେସର ପଣ୍ଡା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଗଦାଧର ପାଣି, ସରୋଜକାନ୍ତ ମିଶ୍ର, ମନୋଜ କୁମାର ଦାସ, ଆଲୋକ ପ୍ରଧାନ, ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ, ସୁଜାତା ଦାସ, ସ୍ୱାଗତିକା ଦାସ, ଶାଶ୍ୱତୀ ନନ୍ଦ ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଯୋଗଦେଇ ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଅଧ୍ୟାପକ ବଳରାମ ପାଳ ଅତିଥି ପରିଚୟ ସହ ସଭା ସଞ୍ଚାଳନ ଓ ଶିକ୍ଷା କର୍ମଚାରୀ ବାବୁଲି ସ୍ୱାଇଁ, ନକୁଳ ନାୟକ ଓ ବଟକୃଷ୍ଣ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଏଥିରେ ୧୪୫ ଜଣ ଛାତ୍ରୀ ସାମିଲ ହୋଇ ତାଲିମ ନେବେ। ଆସନ୍ତା ୭ ଦିନ ଧରି ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇବେ।

# କେନ୍ଦ୍ର ଯୋଜନାର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣକର

## ଦିଶା ବୈଠକ

ଜଗତ୍‌ସିଂହପୁର, ୨୪।୧ (ପ୍ରମୋଦ କୁମାର ନାୟକ)

କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟକୁ ପ୍ରତ୍ୟେକଙ୍କ ସହଯୋଗରେ ପୂର୍ଣ୍ଣ କର। ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକରେ ପୌରୋହିତ୍ୟ କରି ଏମ୍‌ପି ରାଜଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ସାମାଜିକ ସୁରକ୍ଷାର ସମସ୍ତ କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ, ପ୍ରଧାନମନ୍ତ୍ରୀ ଏମ୍ପ୍ଲଇମେଣ୍ଟ ଜେନେରେଶନ୍ ପ୍ରୋଗ୍ରାମ, ଜାତୀୟ ରାଜପଥ, ଟେଲିକମ ଓ ଡ୍ରେନେଜ ଆଦି ବିଭାଗୀୟ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା କାମ ଉନ୍ନତମାନର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ, ଜିଲା ପରିଷଦ ସଭାପତି, ଜିଲା ପରିଷଦ ସଭ୍ୟାସଭ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷ, ପାରାଦୀପ ଓ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ ଓ କ୍ଷେତ୍ରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ମା'ମାଟିରେ ରହିଛି ଜଗନ୍ନାଥ ସଂସ୍କୃତିର ବାସ୍ନା

## ସାହିତ୍ୟ, ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଉଦ୍‌ଯାପିତ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର,୨୪।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ ଚାଲିଥିବା ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ରମେଶଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଡ.ନିଖିଳେଶ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସହ ଓଡ଼ିଆ ସାହିତ୍ୟର ସମ୍ପର୍କ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ସାରା ବିଶ୍ୱର ମଉଡମଣିଭାବେ ଶ୍ରୀ ଜଗନ୍ନାଥ ବିଶ୍ୱବିଦିତ। ତାଙ୍କ ଐତିହ୍ୟ ଓ ପରମ୍ପରା ଓଡ଼ିଶାର ପୁରପଲ୍ଲୀରେ ପ୍ରତିଫଳିତ। ଏଣୁ ମା' ମାଟିରେ ଜଗନ୍ନାଥ ସଂସ୍କୃତିର ବାସ୍ନା ବୋଲି ଡ.ମହାନ୍ତି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ଓଡ଼ିଆ ଭାଷା ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ପରିଭାଷା ପୁରି ରହିଛି ବୋଲି ମୁଖ୍ୟ ବକ୍ତାଭାବେ ଅଧ୍ୟାପିକା ରୋଜାଲିନ ଜେନା ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଗନ୍ନାଥ କଥାମୃତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ, ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ ସ୍ୱାଗତ ଭାଷଣ ଓ ଅଧ୍ୟାପକ ମୋହନ ଚରଣ ରାଉତରାୟ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁମନ୍ତ ଚନ୍ଦ୍ର ଦାସ, ରବୀନ୍ଦ୍ର ଓଝା ଓ ବାସନ୍ତୀଲତା ସାହୁ, ମିଟୁ ରାଉତ ଓ ତ୍ରିଲୋଚନ ମହାପାତ୍ର ଉପସ୍ଥିତ ଥିଲେ।

# କୃଷି, କୃଷକଙ୍କ ଉନ୍ନତି ପାଇଁ ପାଣି ପଞ୍ଚାୟତ ସର୍ବଦା ଯତ୍ନବାନ୍

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ତିର୍ତ୍ତୋଲ,୨୪।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମହାନଦୀ ଦକ୍ଷିଣ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଣିଜଙ୍ଗା ଜଳସମ୍ପଦ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କୃଷି ଓ କୃଷକଙ୍କ ଉନ୍ନତି ଲାଗି ପାଣି ପଞ୍ଚାୟତ ସର୍ବଦା ଯତ୍ନବାନ ରହିଛି ବୋଲି କହିବା ସହ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପାଣି ପଞ୍ଚାୟତ ଦ୍ୱାରା ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ମୁଖ୍ୟ ବକ୍ତାଭାବେ କୃଷି ବିଜ୍ଞାନ କେନ୍ଦ୍ର ନିମକଣାର ମୁଖ୍ୟ ବୈଜ୍ଞାନିକ ଦିବ୍ୟଜ୍ୟୋତି ସେନ, ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ କୃଷି ଜିଲା ଅଧିକାରୀ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ ଯୋଗଦେଇ ଉପସ୍ଥିତ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତଭାବେ ଗୋବିନ୍ଦପୁର ପାଣି ପଞ୍ଚାୟତ ଓ ଜିଲାର ୧୬ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବରେ ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜଗତ୍‌ସିଂହପୁର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପାରାଦୀପ ଜଳସମ୍ପଦ ବିଭାଗ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ରନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପକ ଅମର ଜ୍ୟୋତି ସାହୁ ମଞ୍ଚ ପରିଚାଳନା କରିଥିଲେ। ମଣିଜଙ୍ଗା ଓ ପାରାଦୀପ ସବ୍‌ଡିଭିଜନର ସମସ୍ତ ସହକାରୀ ଯନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

**70th NATIONAL FILM AWARDS 2022**

**CALL FOR ENTRIES**

Films and Writing on Cinema

**ELIGIBILITY**

**Feature & Non-Feature**
Certified by CBFC
with English Subtitles

**Books, Articles/Reviews**
on Cinema
Published

**From 01/01/2022 to 31/12/2022**
(Both days inclusive)

**For any queries call 011-26499378/357**
(9:30 AM – 5:00 PM on weekdays)

**Visit www.mib.gov.in for the regulations and to apply online**
**Submission of online applications till 30/01/2024 (by 5:00 PM)**

**All documents must be sent to the given address:**
**National Film Awards Cell**
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

**Email: 70nfa2022@gmail.com**
**Website: www.mib.gov.in**

CBC 22201/11/0154/2324

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

ଖଜୁରିପଡ଼ା,(ବିଦୁର ବେହେରା)- ପ୍ରଥମେ ପ୍ରେମ, ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରିତ କରାଯାଇଥିବା ଅଭିଯୋଗ ହୋଇଛି ଖଜୁରିପଡ଼ା ଥାନା ଅଞ୍ଚଳରେ। ଉକ୍ତ ଗ୍ରାମର ଜନୈକ ଯୁବକଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୭ ମାସର ଗର୍ଭଧାରଣ କରିବାରୁ ପ୍ରେମିକା ବିବାହ କରିବାକୁ ପ୍ରେମିକଙ୍କୁ କହିଥିଲେ। କିନ୍ତୁ ସେ ଔଷଧ ଦେଇ ଗର୍ଭ ନଷ୍ଟ କରିଦେଇଥିଲେ। ପରେ ପ୍ରେମିକା ମଲାଛୁଆଙ୍କୁ ନେଇ ପ୍ରେମିକଙ୍କ ଘରକୁ ଯାଇ ବିବାହ କରିବାକୁ କହିବାରୁ ସେ ଅସ୍ୱୀକାର କରିଦେଇଥିଲେ। ପରେ ପ୍ରେମିକା ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଚିଙ୍କିଟି,୨୪।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିଙ୍କିଟି ବ୍ଲକ ପିତାତଳି ପଞ୍ଚାୟତର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମିଳିଥିବା ଅନୁଦାନ ସମ୍ପର୍କରେ ସଚେତନ କରାଇବା ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଏ ରାଙ୍ଗାରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଉଷାଦେବୀ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ପଞ୍ଚାୟତରେ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଥିବା ସରପଞ୍ଚ ଏ ରାଙ୍ଗାରାଓ କହିଛନ୍ତି। କାର୍ଯ୍ୟକ୍ରମରେ ପିତାତଳି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସି ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିଙ୍କିଟି ବିଡିଓ ପ୍ରମୋଦ କୁମାର ନାୟକ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏମ.ନାଗରଜୁ ସମେତ ବହୁ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପାଟପୁର,୨୪।୧(ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତରେ ଚାଲିଥିବା ପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ଜନ ସଚେତନତା କାର୍ଯ୍ୟକ୍ରମ ଅବସରରେ ବୁଧବାର ଟି.ଗୋବିନ୍ଦପୁର ପଞ୍ଚାୟତ ଡିମ୍ବିରାପଲ୍ଲି ଗ୍ରାମରେ ହୋଇଯାଇଛି। ଟି.ଗୋବିନ୍ଦପୁର ସରପଞ୍ଚ କବିତା ଗମାଙ୍ଗଙ୍କ ପ୍ରତିନିଧି ଓ ମଙ୍ଗଳା ଗମାଙ୍ଗଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଏବଂ ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର ଯୋଗଦେଇଥିଲେ। ସମସ୍ତ ସେବାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଉପସ୍ଥିତ ରହି ମହିଳା ମଣ୍ଡଳିଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତିସଭ୍ୟ ଉବି ଦଳେଇ, ୫୯ ଜୋନର ଜିଲାପରିଷଦ ବିଜୟ କୁମାର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରି ରାମ ପ୍ରସାଦ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।।

### ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନାଚକ୍ର

କୋଦଳା,୨୪।୧(ଅମିତ କୁମାର ପଟ୍ଟନାୟକ)

କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ନୂଆ– ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଓଡ଼ିଆ ଭାଷା ସାହିତ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ପରିଷଦ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଦୋରା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଜଗନ୍ନାଥ ଗବେଷକ ଡକ୍ଟର ଅନନ୍ତ ରାମ କର ଯୋଗଦେଇ ଓଡ଼ିଆ ଭାଷା ଜଗନ୍ନାଥ ସଂସ୍କୃତି ଏବଂ ଗଞ୍ଜାମର ସଂସ୍କୃତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ରଞ୍ଜୁବାଳା ନନ୍ଦ ଆଲୋଚନାର ଆଭିମୁଖ୍ୟ ଏବଂ ଅନ୍ତର୍ନିହିତ ଗୁଣାବଳୀର ସଂଯୋଜକ ଡକ୍ଟର ବିଷ୍ଣୁ ନାରାୟଣ ସେଠି ଓଡ଼ିଆ ଭାଷା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ସଚେତନତା କରିଥିଲେ। ଏଥିରେ ଓଡ଼ିଆ ଭାଷା ବିଭାଗ ଅଧ୍ୟାପକ ସାଗର ଚନ୍ଦ୍ର ପାତ୍ର, ଅଧ୍ୟାପିକା ଜୋଛନା ରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍ ଜ୍ଞାନ କୌଶଳ

### ଆଞ୍ଚଳିକ କୁଷ୍ଠ ତାଲିମ କେନ୍ଦ୍ରରେ ଡ୍ରୋନ ସେବା ପରୀକ୍ଷଣ

ଆସିକା,୨୪।୧ (ସୁରେନ୍ଦ୍ର ନାଥ ସାହୁ):

କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡ୍ରୋନ ଜ୍ଞାନ କୌଶଳର ପ୍ରୟୋଗ ଲାଗି ନିଷ୍ପତ୍ତି ନେଇଥିଲା ବେଳେ ବୁଧବାର ଆସିକା ବାବନପୁରସ୍ଥିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଆଞ୍ଚଳିକ କୁଷ୍ଠ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ରରେ ଏହାର ପରୀକ୍ଷଣ କରାଯାଇଛି । କୁଷ୍ଠ ତାଲିମ କେନ୍ଦ୍ରଠାରୁ ଆକାଶ ମାର୍ଗରେ ୯ କିଲୋମିଟର ଦୂରରେ ଥିବା ଆସିକା ବ୍ଲକର ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡ୍ରୋନ ମାଧ୍ୟମରେ ଏକ ଔଷଧ ପ୍ୟାକେଟ ପଠାଯାଇଥିଲା । ସେଠାରେ ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ମଧୁସୂଦନ ବାରିକ ଏହାକୁ ଗ୍ରହଣ କରିବା ପରେ ପୁଣି ଏକ ପ୍ୟାକେଟ ଡ୍ରୋନ ମାଧ୍ୟମରେ ପଠାଇଥିଲେ । ସଫଳତାର ସହ ଡ୍ରୋନ ଔଷଧ ପ୍ୟାକେଟକୁ ଆଞ୍ଚଳିକ



ସ୍ପୋକ୍ ସେଣ୍ଟରରୁ ଆସିଥିବା ପ୍ୟାକେଟକୁ ନୋଡାଲ ଅଫିସର ଗ୍ରହଣ କରୁଛନ୍ତି ।

କୁଷ୍ଠ ତାଲିମ କେନ୍ଦ୍ରରେ ପହଞ୍ଚାଇଥିବା ଆଞ୍ଚଳିକ କୁଷ୍ଠ ତାଲିମ କେନ୍ଦ୍ରର ଡାଇରେକ୍ଟର ଡାକ୍ତର ଭି ସାନ୍ତାରାମ ସୂଚନା ଦେଇଛନ୍ତି । ୯ କିଲୋମିଟର ଦୂରରେ ପହଞ୍ଚିବା ଲାଗି ଡ୍ରୋନକୁ ମାତ୍ର ୭ମିନିଟ ସମୟ ଲାଗିଥିବା କୁହାଯାଇଛି। ପ୍ରାଥମିକ ସ୍ତରରେ ୩ମାସ ଲାଗି ଏହି ସେବାର ପ୍ରଚଳନ ଲାଗି କେନ୍ଦ୍ର ସରକାର ଅନୁମତି ଦେଇଥିଲା ବେଳେ ଏହାର ସଫଳତାକୁ ନେଇ ଭବିଷ୍ୟତରେ ଏହାର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି । ତାଲିମ କେନ୍ଦ୍ରକୁ ହବ ସେଣ୍ଟର ଭାବେ ବିବେଚନା କରାଯାଇଥିଲା ବେଳେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ପୋକ ସେଣ୍ଟର ଭାବେ ରଖାଯାଇଥିଲା । କାର୍ଯ୍ୟକ୍ରମରେ ଡାଇରେକ୍ଟର ସାନ୍ତାରାମଙ୍କ ସମେତ ଡ୍ରୋନ ସେବା କାର୍ଯ୍ୟକ୍ରମର ନୋଡାଲ ଅଫିସର ଚିରଂଜନ ପଣ୍ଡା, ଡ୍ରୋନ ସେବା ଦାୟିତ୍ୱ ନେଇଥିବା ସ୍କାଇ ଏୟାର ମୋବିଲିଟି କମ୍ପାନୀର ବୈଷୟିକ କର୍ମଚାରୀ ଓ ପୂର୍ବରୁ ଏହି କାର୍ଯ୍ୟ ଲାଗି ପ୍ରଶିକ୍ଷଣ ନେଇ ଆସିଥିବା ବାବନପୁର ସ୍ୱୟଂ ସହାୟିକା ଗୋଷ୍ଠିର ୨ଜଣ ସଦସ୍ୟା ଗାୟତ୍ରୀ ମହାନ୍ତି ଓ ପ୍ରିୟମ୍ବଦା ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# କଲ୍ୟାଣ ମଣ୍ଡପ, ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ



ଡୁମାକୁମ୍ପାରେ ଅର୍ଥମନ୍ତ୍ରୀଙ୍କ ସାଧାରଣ ସଭାରେ ଉପସ୍ଥିତ ଲୋକ।

ଭଞ୍ଜନଗର, ୨୪।୧(ବାବୁଲା ପ୍ରଧାନ):

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଗତ ଦୁଇମାସ ହେବ ନିଜ ନିର୍ବାଚନମଣ୍ଡଳୀରେ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ କରି ସାଧାରଣ ଲୋକ ଏବଂ ଦଳୀୟ କର୍ମୀଙ୍କୁ ଭେଟୁଛନ୍ତି। ବୁଧବାର ସେ ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଅଙ୍ଗନବାଡି କେନ୍ଦ୍ର ଉଦଘାଟନ କରିଛନ୍ତି। ଏଥିସହ ଦଳର ଛାମୁଆ ନେତାମାନଙ୍କୁ ଏକ ସ୍ୱତନ୍ତ୍ର ବୈଠକରେ ଭେଟି ସମ୍ପୃକ୍ତ ଅଞ୍ଚଳରେ ଦଳୀୟ ସ୍ଥିତି ଆହୁରି କିଭଳି ସୁଦୃଢ଼ ହେବ ସେନେଇ ଆଲୋଚନା କରିଛନ୍ତି। ଡୁମାକୁମ୍ପା ଠାରେ ଅନୁଷ୍ଠିତ ସାଧାରଣ ସଭାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନରେ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ମନ୍ତ୍ରୀ ସଚେତନତା କରାଇଥିଲେ। ଉକ୍ତ ସାଧାରଣ ସଭାରେ ବିଡିଓ ଶଶିଭୂଷଣ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନଟିସେଭା ନାୟକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ଜିଲା ବିଜେଡ଼ି ଉପସଭାପତି ରାଜକୁମାର ସାହୁ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଏମପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ।

# ମୋ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




ଟିକାବାଲି,୨୪।୧
(ଗଗନ ବିହାରୀ ପଟନାୟକ)

ଟିକାବାଲି ଏ.ଏମ.ସି.ଏସ ମହା ବିଦ୍ୟାଳୟରେ ମୋ ଓଡ଼ିଶା ସାହିତ୍ୟ ପ୍ରତଯୋଗିତା ଓ ଜଗନ୍ନାଥ ସଂସ୍କୃତିର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଧରାକୋଟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ଼ ବିମଳ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଗଞ୍ଜାମ ପିତଳର ଚନ୍ଦ୍ରିକା ପତ୍ରିକାର ସମ୍ପାଦକ ଇଞ୍ଜିନିଏର ଶ୍ରୀ ବିଚିତ୍ରା ନନ୍ଦ ମୁନୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷକ ଶ୍ରୀ ଦୀନକୃଷ୍ଣ ମହାପାତ୍ର, ବରିଷ୍ଠ କିରାଣୀ ତଥା କବି ମନୋଜ କୁମାର ଭୋଇ ଯୋଗଦେଇ ଓଡ଼ିଆ ସାହିତ୍ୟର ସମୃଦ୍ଧି ବିକାଶ ଓ ଉତ୍କଳୀୟ ସଂସ୍କୃତି ରେ ଶ୍ରୀ ଜଗନ୍ନାଥ ଶୀର୍ଷକ କୁ ନେଇ ଆଲୋଚନା କରିଥିଲେ, ପ୍ରଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ର, ଛାତ୍ରୀ ଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସ୍ନାତକର ନୋଡାଲ ଅଫିସର ଅଧାପିକା ନିବେଦିତା ଭୋଇ ଅତିଥି ପରିଚୟ ଦେଇଥିବାବେଳେ ଯୁକ୍ତ ଦୁଇର ନୋଡାଲ ଅଫିସର ଅଧାପିକା ଚମ୍ପା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ, କଲେଜର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

### ସୁନା ଦୋକାନରେ ଜିଏସ୍‌ଟି ଚଢ଼ାଉ

ଫୁଲବାଣୀ,୨୪।୧(ରାକେଶ କୁମାର ରାଉତ)

ଫୁଲବାଣୀ ସହର ଦିନେଶ ଜୁଏଲରି ଦୋକାନ ଉପରେ ବୁଧବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ରାୟଗଡ଼ା–ଫୁଲବାଣୀ ଡିଭିଜନ ସହକାରୀ କମିଶନର ଟିମ ସହ ଆସି ଏହି ଚଢ଼ାଉ କରିଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଚଢ଼ାଉ କରିଥିବା ବେଳେ ଏହି ଟିମ୍ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଏହି ଚଢ଼ାଉ ଦେଖି ଅନ୍ୟ ସୁନା ଦୋକାନ ଗୁଡ଼ିକ ବନ୍ଦ ରଖିଥିଲେ। ତେବେ ଜିଏସଟି ଚଢ଼ାଉ ବେଳେ ଅନ୍ୟ ସୁନା ଦୋକନ ଗୁଡ଼ିକ ବନ୍ଦ ରହିବା ନେଇ ସନ୍ଦେହ ସୃଷ୍ଟି କରୁଛି। ସୁନା ଦୋକାନ ମାଲିକଙ୍କୁ ପଚରା ଉଚରା କରୁଥିବା ବେଳେ, ଦୋକାନୀ ବିରୁଦ୍ଧରେ ଆଗରୁ ଅଭିଯୋଗ ହୋଇଥିବା କଥା ଜିଏସଟି ଡେପୁଟି କମିଶନର ଅର୍ଜୁନ ଶବର କହିଛନ୍ତି। ବେଆଇନ ସାମଗ୍ରୀ ବୋଝେଇ ଏକ ପିକଅପ ଭ୍ୟାନକୁ ଜବତ କରିବା ସହ ଟ୍ୟାକ୍ସ ଫାଙ୍କିବା ନେଇ ୮୨ହଜାର ଟଙ୍କା ଫାଇନ କରିଛି ଏହି ଟିମ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ରାଇକିଆ,୨୪।୧(ପ୍ରଦୀପ ବେହେରା)– ରାଇକିଆ ବ୍ଲକ ସେଣ୍ଟ କ୍ୟାଥରିନ ବାଳିକା ବିଦ୍ୟାଳୟଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମାସିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଇକିଆ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ସୀମାଦ୍ରି କହଁର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ପ୍ରଧାନ, ସିଡିପିଓ ମୌନାବତୀ ପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଜୟନ୍ତୀ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲାର ୧୨ ବ୍ଲକ ମଧ୍ୟରୁ ୭୨ ଜଣ ଛାତ୍ରୀ ଯୋଗଦେଇ ଓଡ଼ିଆ ରଚନା, ବକ୍ତୃତା, ଚିତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। କନିଷ୍ଠ ବର୍ଗରୁ ଓଡ଼ିଆ ରଚନାରେ ଓଏଭି ଦଣ୍ଡପଦରର ସୁଭଦ୍ରା ବଳିଆରସିଂ, ଚିତ୍ରରେ ୟୁପିଏସ ହାତିଶାଳର ସୁଚିତ୍ରା ପ୍ରଧାନ, ଓଡିଆ ବକ୍ତୃତାରେ ସରକାରୀ ଏସଏସଡି ବିଦ୍ୟାଳୟ ଦଣ୍ଡପଦରର ଶିଖା ମଲ୍ଲିକ ଭାଗ ନେଇଥିଲେ। ସେହିପରି ବରିଷ୍ଠ ବର୍ଗରୁ ଓଡିଆ ରଚନାରେ ଓଏଭି ଦଣ୍ଡପଦରର ଆଦ୍ୟାଶା ବଛର, ଚିତ୍ରରେ ଓଏଭି ସଲପଗାଁ ବିଦ୍ୟାଳୟର ଐଶ୍ୱରିକା ମିଶ୍ର, ଓଡିଆ ବକ୍ତୃତାରେ ସରକାରୀ ଏସଏସଡି ବିଦ୍ୟାଳୟ ଦୁର୍ଗାପାଙ୍ଗାର ପିଙ୍କି ମୁଠାମାଝି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଫୁଲବାଣୀ,୨୪।୧ (ରାକେଶ କୁମାର ରାଉତ)

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୩–୨୪ ଜଳ ସମ୍ପଦ ବିଭାଗ ଦ୍ୱାରା ପାଳନ କରାଯାଇଛି। ବୁଧବାର ଏହି କ୍ରମରେ ପଞ୍ଚାୟତ ଭବନଠାରେ ପାଣି ପଞ୍ଚାୟତ ଗୋଷ୍ଠିର କର୍ମକର୍ତ୍ତା ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇ ପାଣିକୁ କିପରି ସଂରକ୍ଷଣ କରି ଚାଷ କରାଯାଇପାରିବ ସେ ନେଇ କର୍ମକର୍ତ୍ତାଙ୍କୁ କହିଥିଲେ। ଖାଲି ଧାନ ଚାଷ ନ କରି ପନି ପରିବା, ଫୁଲ, ପିଜୁଳି, ମସଲା ଜାତୀୟ ଚାଷ ଓ ଅନ୍ୟାନ୍ୟ ସିଜିନାଲ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଆମେ ଯେଉଁ ପାଣି ପଞ୍ଚାୟତ ପକ୍ଷ ପାଳନ କରୁଛେ, ତାହା ହେଉଛି ଜଳ ପରିଚାଳନା ସହ ଆମେ କ'ଣ ଚାଷ କରିବା ସେ ନେଇ ଚିନ୍ତା କରି ଚାଷ କରିବା ଉଚିତ। ବିଶେଷ କରି ଅଳ୍ପ ଜଳରେ ଭଲ ଅମଳ ହେଉଥିବା ଫସଲ ଆମେ କରିବା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତ ସାମଲ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ତ୍ରିପାଠୀ ଉଠା ଜଳସେଚନ ନିର୍ବାହୀଯନ୍ତ୍ରୀ ରୁଦ୍ର ପ୍ରସାଦ ମିଶ୍ର, ଖୁଦ୍ର ଜଳସେଚନ ନିର୍ବାହୀଯନ୍ତ୍ରୀ ଏସ.କେ.ତ୍ରିପାଠୀ,ଜଳ ବିଭେଜିକା ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ, ଉଦ୍ୟାନ ବିଭାଗ ଅଧିକାରୀ ରମାକାନ୍ତ ଗିରି, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ପ୍ରଫୁଲ କହଁର ଓ ଜିଲା ପ୍ରାଣୀଧନ ଅଧିକାରୀ ସଞ୍ଜିବ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

70th NATIONAL FILM AWARDS 2022

CALL FOR ENTRIES

Films and Writing on Cinema

ELIGIBILITY

Feature & Non-Feature
Certified by CBFC
with English Subtitles

Books, Articles/Reviews
on Cinema
Published

From 01/01/2022 to 31/12/2022
(Both days inclusive)

For any queries call 011-26499378/357
(9:30 AM – 5:00 PM on weekdays)

Visit www.mib.gov.in for the regulations and to apply online
Submission of online applications till 30/01/2024 (by 5:00 PM)

All documents must be sent to the given address:
National Film Awards Cell
Ministry of Information & Broadcasting
Government of India
Siri Fort Auditorium Complex
August Kranti Marg
New Delhi - 110049

Email: 70nfa2022@gmail.com
Website: www.mib.gov.in

CBC 22201/11/0154/2324

## ଛତ୍ରପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ବନ୍ଧୁମିଳନ

# ବିଧାୟକଙ୍କ ବିରୋଧରେ ଦସ୍ତଖତ ଅଭିଯାନ

ଛତ୍ରପୁର,୨୪।୧(ସନ୍ତୋଷ ପାଢୀ):

ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନମଣ୍ଡଳସ୍ତରୀୟ ବିଜେଡି ବନ୍ଧୁ ମିଳନ ରାମଚଣ୍ଡୀ ପୀଠ ପ୍ରାଙ୍ଗଣରେ ବୁଧବାର ଆୟୋଜିତ ହୋଇଥିଲା। ଏଥିରେ ବିଜେଡିକୁ ସୁଦୃଢ କରିବା ସହ ସୁବାସ ହଟାଓ ଛତ୍ରପୁର ଓ ବିଜେଡି ବଞ୍ଚାଓ ସଙ୍କଳ୍ପ ନିଆଯାଇଛି । ଉକ୍ତ ସଙ୍କଳ୍ପ କାର୍ଯ୍ୟକ୍ରମ ସହ ଛତ୍ରପୁର ବିଧାୟକଙ୍କ ବିରୋଧରେ ଏକ ଦସ୍ତଖତ ଅଭିଯାନର ଆୟୋଜନ କରାଯାଇଥିଲା । ଏହି ଦସ୍ତଖତ ଅଭିଯାନ ସହ ଆଗାମୀ ସାଧାରଣ ନିର୍ବାଚନରେ ଛତ୍ରପୁର ନିର୍ବାଚନମଣ୍ଡଳୀ ବିଧାନସଭା ଆସନ ପାଇଁ ନୂତନ ପ୍ରାର୍ଥିଦେବାକୁ ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଜଣାଇବାକୁ ସର୍ବସମ୍ମତି ନିଷ୍ପତି ନିଆଯାଇଥିଲା । ଏଥିସହ ଗଞ୍ଜାମ ଜିଲା ବିଜେଡି ସଭାପତି ଓ ଜିଲା ପର୍ଯ୍ୟବେକ୍ଷକଙ୍କୁ ମଧ୍ୟ ଏ ସମ୍ପର୍କରେ ଜଣାଇବାକୁ ସ୍ଥିର ହୋଇଛି । ଏହି ବନ୍ଧୁମିଳନ ସଭାରେ ଓକିଲ ପି.ଧରମା ରେଡ୍ଡୀ ସଂଯୋଜନା କରିଥିଲେ । ଏହି ସଭାରେ ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧିନ ଛତ୍ରପୁର, ଗଞ୍ଜାମ ବ୍ଲକ ଓ ଏନଏସିର ବିଜେଡି ସମର୍ଥିତ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା, ସରପଞ୍ଚ, ସମିତିସଭ୍ୟ କାଉନସିଲର, ପୂର୍ବତନ ସମିତିସଭ୍ୟ, ସରପଞ୍ଚ ଓ ଜିଲାପରିଷଦ ସଭ୍ୟ, ଜିଲା ଓ ବ୍ଲକ, ଏନଏସିସ୍ତରୀୟ ବିଜେଡି ନେତା ଯୋଗଦେଇ ଛତ୍ରପୁର ବିଧାୟକଙ୍କ ବିରୋଧରେ ବିଷୋଦଗାର କରିଥିଲେ । ପୂର୍ବରୁ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ପଦବୀ ଓ ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ପଦବୀକୁ ନେଇ ବିଜେଡିରେ ଗୋଷ୍ଠୀ କନ୍ଦଳ ଜାରି ରହିଥିବାବେଳେ ଏବେ ବିଜେଡି ବନ୍ଧୁ ମିଳନରେ ବିଧାୟକ ବିରୋଧୀ ଦସ୍ତଖତ ଅଭିଯାନ ଓ ବିଷୋଦଗାର ରାଜନୀତି ସରଗରମ ହୋଇଛି। ଏଥିରେ ଜିଲା ବିଜେଡି ଉପସଭାପତି ଶଙ୍କର ଦାଶ କହିଥିଲେ ଯେ ବିଧାୟକଙ୍କ ଦୁର୍ବଳ ନେତୃତ୍ୱ ଲାଗି ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧିନ ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଏନଏସି ଅଧ୍ୟକ୍ଷା ପଦବୀ ବିଜେଡି ହରାଇଲା । ଏଥିସହ ବିସିସି ବ୍ୟାଙ୍କ ନିର୍ଦ୍ଦେଶ ପଦବୀରେ ବିଜେଡି ସମର୍ଥିତ ପ୍ରାର୍ଥିଙ୍କୁ ପରାଜିତ ହେବାକୁ ପଡିଲା। ଏଣୁ ଆସନ୍ତା ନିର୍ବାଚନରେ ସୁବାସଙ୍କ ବଦଳରେ ଅନ୍ୟ ଯୋଗ୍ୟଙ୍କୁ ପ୍ରାର୍ଥି କରିବାକୁ ବିଜେଡି ସୁପ୍ରିମୋଙ୍କୁ ଜଣାଇବୁ ବୋଲି ସେ କହିଥିଲେ । ବରିଷ୍ଠ ନେତା ଲକ୍ଷ୍ମୀ ପାଢୀ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ.ସାରଦା ରେଡ୍ଡୀ, ପୂର୍ବତନ ଜିଲାପରିଷଦ ସଭ୍ୟ ଏସ.କିଶୋର ରେଡ୍ଡୀ, ପୂର୍ବତନ ସମିତିସଭ୍ୟ ଜ୍ୟୋତି ରଞ୍ଜନ ସାହୁ, ପୂର୍ବତନ ବ୍ଲକ ସଭାପତି ସପ୍ନେଶ୍ୱର ନାହାକ, ଚମାଖଣ୍ଡି, ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ସମର୍ଥନ କରି ବିଧାୟକଙ୍କ ବିରୋଧରେ ବିଷୋଦଗାର କରିଥିବା ଦେଖିବାକୁ ମିଳିଥିଲା।

# ଚାଷୀ ଏବେ ଚାଷ ପ୍ରତି ବିମୁଖ

■ ଜଳସେଚନ ନିଷ୍କାସନରେ ଅସୁବିଧା
■ ଶୀତଳ ଭଣ୍ଡାର ନ ଥିବାରୁ ଉତ୍ପାଦିତ ସାମଗ୍ରୀ ନଷ୍ଟ

ପଟ୍ଟାମୁଣ୍ଡାଇ, ୨୪।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ଚାଷୀ ଏବେ ଚାଷ ପ୍ରତି ବିମୁଖ ହେଉଛନ୍ତି। ଏହି ଅଞ୍ଚଳରେ ୮୦% ଲୋକେ ଚାଷ ଉପରେ ନିର୍ଭର କରିଥା'ନ୍ତି। ମାତ୍ର ଚାଷରୁ ପୂର୍ବଭଳି ଲାଭ ହେଉ ନ ଥିବାରୁ ଚାଷୀ ଚାଷ କରିବାକୁ ମନ ବଳାଉନାହାନ୍ତି। ଏଥିପାଇଁ କୃଷି ବିଭାଗ, ଜଳସମ୍ପଦ ବିଭାଗ, ସମବାୟ ବିଭାଗ ଓ ମାର୍କଫେଡ୍ ଏକ ପ୍ରକାର ଦାୟୀ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବାତ୍ୟା ଓ ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବିଭାଗ କିମ୍ବା ବୀମା କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଠିକ୍ ଭାବେ ମିଳିପାରିନାହିଁ। ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ସାମଗ୍ରୀ ନଷ୍ଟ ହେଉଛି। ମୂଲିଆ ମଜୁରି ମଧ ବଢ଼ିବାରେ ଲାଗିଥିବାରୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଚାଷୀ ପାଉନାହାନ୍ତି। ଏହା ମଧ ଚାଷରୁ ବିମୁଖ ହେବାର ଅନ୍ୟ ଏକ କାରଣ ବୋଲି କୃଷକ ନେତା, ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।


ଠିକ୍ ଭାବେ ଜଳ ପରିଚାଳନା ନ ହେବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷଜମି ପଡ଼ିଆ ପଡ଼ିଛି ।

କୃଷକ ନେତା ବିଜୟ ଦାସ, ସୁରେନ୍ଦ୍ର ପରିଡ଼ା, କୁଞ୍ଜବିହାରୀ ନାୟକ ପ୍ରମୁଖ କହିଛନ୍ତି, ରାଜ୍ୟର ପ୍ରମୁଖ ଜିଲା ଭାବେ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି। ଏକଦା ମନ୍ତ୍ରୀପଡ଼ା ଭାବେ ପରିଚିତ କେନ୍ଦ୍ରାପଡ଼ା ଆଜି ବି ଶିଳ୍ପବିହୀନ। ଜିଲାର ୮୦% ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥା'ନ୍ତି। ଶିକ୍ଷିତ ଯୁବତୀ ଯୁବକମାନେ ନିଯୁକ୍ତି ଅଭାବରୁ ବେକାର ହୋଇ ବସିଥିବାବେଳେ କାମଧନ୍ଦା ନ ପାଇ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଅଧିକନ୍ତୁ ଯେଉଁମାନେ କୃଷି ଉପରେ ଭରସା କରି ନିଜର ଭବିଷ୍ୟତ ଓ ତେଲଲୁଣର ସଂସାରକୁ ଗଢ଼ିବା ପାଇଁ ସ୍ୱପ୍ନ ଦେଖୁଛନ୍ତି, ସେମାନେ ମଧ ବହୁ ସମୟରେ ହତାଶ ହେଉଛନ୍ତି। କୃଷି ସାମଗ୍ରୀର ଉଚିତ ଦର ମିଳୁ ନ ଥିବାବେଳେ ଶୀତଳଭଣ୍ଡାର ଅଭାବରୁ ଅଧିକାଂଶ ସମୟରେ ଉତ୍ପାଦିତ ସାମଗ୍ରୀ ନଷ୍ଟ ହେଉଛି। ଅର୍ଥକରୀ ଫସଲ ଭାବେ ପରିଚିତ ପନିପରିବା ରକ୍ଷଣାବେକ୍ଷଣ ଅଭାବରୁ ପଚି ନଷ୍ଟ ହେଉଛି। କିଛିଦିନ ହେବ ଅଦିନିଆ ବର୍ଷା କାରଣରୁ ପନିପରିବା ଫସଲ ପଚିଯିବା ଭୟରେ ଚାଷୀମାନେ ତୋଳି କମ୍‌ମୂଲ୍ୟରେ ବିକ୍ରି କରିବାକୁ ବାଧ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଚାଷୀ ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ କୁହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ, ପୌରାଞ୍ଚଳ ଓ ଧୋଇଆଞ୍ଚଳରେ ବହୁଳ ଭାବେ ପନିପରିବା ଫସଲ କରାଯାଇଥାଏ। ଏହି ଫସଲକୁ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ବିଭିନ୍ନ ହାଟ ବଜାରରେ ବିକ୍ରି କରାଯାଇଥାଏ। ଚାଷୀମାନେ ବହୁ କଷ୍ଟରେ ଚଢ଼ା ଦାମରେ ବିହନ, ଚାରା, ପୋକମରା ଔଷଧ, ରାସାୟନିକ ସାର ବ୍ୟବହାର କରି ପନିପରିବା ଫସଲ କରିଥା'ନ୍ତି। ଏପରି କି ଜଳସେଚନ ସୁବିଧା ନ ଥିବାରୁ ଅଞ୍ଚଳରେ ତେଣ୍ଡାରେ ଜମିକୁ ଜଳସେଚିତ କରିବା ସହିତ ଫସଲ କରିଥା'ନ୍ତି। ହେଲେ ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟରେ ପନିପରିବା ବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇଠାରେ ୨ଟି ଶୀତଳଭଣ୍ଡାର ଖୋଲିବାକୁ କୃଷକମାନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି। ସୁଶାନ୍ତ ସାମଲ, ଭାସ୍କର ରାଉତ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଗତ ବର୍ଷଗୁଡ଼ିକରେ ୧୮ହଜାର ୬୫ ହେକ୍ଟର ଜମିରେ ଧାନଚାଷ କରାଯାଉଥିଲା। କିନ୍ତୁ ଚଳିତବର୍ଷ ୧୧ହଜାର ୩ଶହ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ଏହି ଅଞ୍ଚଳରେ ୧୬ଟି ସମବାୟ ସମିତି କାର୍ଯ୍ୟ କରୁଛି। ମାର୍କଫେଡ, ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ସାର ଓ ଔଷଧ ଦିଆଯାଉଛି। ଜଳସେଚନ ଓ ନିଷ୍କାସନ ପାଇଁ ଜଳସମ୍ପଦ ବିଭାଗ କାର୍ଯ୍ୟ କରୁଛି। ମାତ୍ର ଠିକ୍ ଭାବେ ଜଳ ପରିଚାଳନା ହୋଇ ପାରୁ ନ ଥିବା ବେଳେ ଜଳ ନିଷ୍କାସନ ହୋଇପାରୁନାହିଁ। ସମବାୟ ସମିତି କର୍ତ୍ତୃପକ୍ଷଙ୍କ ମନମାନି ଓ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁ କୃଷକମାନେ ନିଜର ଉତ୍ପାଦିତ ଧାନ ଫସଲକୁ ବେପାରୀଙ୍କୁ ଦେଇ ଦାଦନ ଖଟିବାକୁ ବାହାରି ଗଲେଣି। ସମିତିର ସମ୍ପାଦକ ଓ ଧାନ କ୍ରୟ ଦାୟିତ୍ୱ ନେଇଥିବା ମିଲରମାନଙ୍କ ଅସାଧୁ ମେଣ୍ଟ ଯୋଗୁ ଧାନର ଅଭାବୀ ବିକ୍ରି ହେଉଛି ବୋଲି କୃଷକମାନଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଡିଜିଟାଲ ଭ୍ରାମ୍ୟମାଣ ଦକ୍ଷତା ବିକାଶ ଲାବ୍ ଉଦ୍‌ଘାଟିତ

କଳିଙ୍ଗନଗର,୨୪।୧(ଶୁଭାଶିଷ ରାଉତ):

ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଓ ଏଚ୍‌ପି ଇଙ୍କ୍ ମିଳିତ ଉଦ୍ୟମରେ 'କୌଶଲ୍ୟାନ' ଡିଜିଟାଲ ଭ୍ରାମ୍ୟମାଣ ଦକ୍ଷତା ବିକାଶ ଲାବ ବୁଧବାର ଦାନଗଦିସ୍ଥିତ ଟମକା ହାଇସ୍କୁଲରେ ଉଦ୍‌ଘାଟିତ ହୋଇଯାଇଛି। ଟାଟା ଷ୍ଟିଲ୍, ଟାଟା ଷ୍ଟିଲ ଫାଉଣ୍ଡେସନ, ଏଚ୍‌ପି ଇଣ୍ଡିଆ ଏବଂ ସୋସାଇଟି ଫର୍ ଅଲରାଉଣ୍ଡ ଡେଭଲପମେଣ୍ଟ୍(ଏସ୍‌ଏଆର୍‌ଡି) ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

କମ୍ପ୍ୟୁଟରକୁ ଭ୍ରାମ୍ୟମାଣ ଯାନରେ ଆଣି ଛାତ୍ରୀଛାତ୍ରୀ, ଶିକ୍ଷକ ଏବଂ ସ୍ଥାନୀୟ ଯୁବକମାନଙ୍କୁ ଟେକ୍ନୋଲୋଜିର ସୁବିଧା ପହଞ୍ଚାଇବା ଉଦ୍ଦେଶ୍ୟରେ କୌଶଲ୍ୟାନ ଏକ ପଦକ୍ଷେପ। ଏହାବ୍ୟତୀତ ଆଇଟିଆଇ ଏବଂ ପଲିଟେକ୍‌ନିକ ଅନୁଷ୍ଠାନ ଗୁଡ଼ିକ ସହ ମଧ ଯୋଗାଯୋଗ କରାଯିବ। 'କୌଶଲ୍ୟାନ'ରୁ ଉପକୃତ ହେଉଥିବା ଛାତ୍ରୀଛାତ୍ର ଦିକ୍ଷା, ସ୍ୱୟଂ, ଇ-ସ୍କିଲ ଇଣ୍ଡିଆ ଭଳି କେନ୍ଦ୍ର ସରକାରଙ୍କ ଜାତୀୟ ପୋର୍ଟାଲରେ ମଧ ପରିଚିତ ହେବେ।

ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଘଡ଼ାଇ ସଫଳ ହେବା ପାଇଁ ବିଦ୍ୟାଳୟ ଶିକ୍ଷା ପରି ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ, ଏଚ୍‌ପି ଓ ଏସ୍‌ଏଆର୍‌ଡିର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେଶନର ଦକ୍ଷତା ବିକାଶ ମୁଖ୍ୟ କ୍ୟାପଟେନ ଅମିତାଭ ଏହି ସହଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ କହିଥିଲେ, ଏହି ଭାଗିଦାରୀ ଅନୁନ୍ନତ ଅଞ୍ଚଳରେ ଡିଜିଟାଲ ଦକ୍ଷତା ବିକାଶ ବ୍ୟବଧାନକୁ ଦୂର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଝାଡ଼ଖଣ୍ଡରେ ଆମ କୌଶଲ୍ୟାନ ପ୍ରୋଜେକ୍ଟ ଏବେ ବାର୍ଷିକ ୬୦୦ରୁ ଅଧିକ ସ୍କୁଲ ପିଲା ଓ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଉଛି। ଏଚ୍‌ପି ୱାର୍ଲ୍ଡ ଅନ ହ୍ୱିଲ ସହିତ ଏହି ନୂତନ ପଦକ୍ଷେପ କଳିଙ୍ଗନଗର ଏବଂ ବ୍ରାହ୍ମଣୀପାଳ ଅଞ୍ଚଳରୁ ବାର୍ଷିକ ପ୍ରାୟ ୪୦୦ ସ୍କୁଲ ପିଲା ଏବଂ ଯୁବତୀଯୁବକଙ୍କ ପାଖରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର ଲାବ କିମ୍ବା ପର୍ଯ୍ୟାପ୍ତ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟ ଗୁଡ଼ିକ ଉପରେ ଧ୍ୟାନ ଦିଆଯିବ। ଏହି ସମ୍ପ୍ରସାରଣ ଏନ୍‌ଇପି ୨୦୨୦ ଦ୍ୱାରା ପ୍ରସ୍ତାବିତ ଶିକ୍ଷାର ଧନ୍ଦାମୂଳକୀକରଣ ସହିତ ସମନ୍ୱିତ ବୋଲି ସେ ପ୍ରକାଶ କରିଥିଲେ।



'କୌଶଲ୍ୟାନ' ଡିଜିଟାଲ ଭ୍ରାମ୍ୟମାଣ ଦକ୍ଷତା ବିକାଶ ଲାବ ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏବଂ ଅନ୍ୟମାନେ ।

# ସଫା ନାଁରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

ଡେରାବିଶ, ୨୪।୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ କୁଶିଆପାଳ ଗ୍ରାମରେ ମଙ୍ଗଳବାର ବାସନ ଓ ଅଳଙ୍କାର ସଫା କରିବା ବାହାନାରେ ଲକ୍ଷାଧିକ ଟଙ୍କାର ସୁନା ଚେନ୍ ଦୁର୍ବୃତ୍ତ ଲୁଟ କରି ନେଇଛନ୍ତି। ଏ ନେଇ ଗ୍ରାମର ନିରଞ୍ଜନ ଦାସ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଘରେ ମଙ୍ଗଳବାର ମଧ୍ୟାହ୍ନରେ ଦୁଇଜଣ ବ୍ୟକ୍ତି ଘରର କଲିଂ ବେଲ୍ ମାରିଥିଲେ। ସେ ସମୟରେ ନିରଞ୍ଜନ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରେ ଥିବା ତାଙ୍କ ସ୍ତ୍ରୀ ଭବାନୀଙ୍କୁ ସମ୍ପୃକ୍ତ ଦୁଇଜଣ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ କମ୍ପାନୀରୁ ଆସିଛନ୍ତି ଏବଂ ଘରେ ଥିବା ସମସ୍ତ ପିତଳ ଓ ଷ୍ଟିଲ ସାମଗ୍ରୀକୁ ମାଗଣାରେ ସଫା କରିଦେବାକୁ କହିଥିଲେ। ଭବାନୀ ତାଙ୍କ କଥାରେ ବିଶ୍ୱାସ କରି ଘରେ ଥିବା ପିତଳ ଓ ଷ୍ଟିଲ ବାସନ ଆଣିଥିଲେ। ସେମାନେ ଏକ କେମିକାଲ୍ ପାଉଡ଼ର ସାହାଯ୍ୟରେ ବାସନକୁ ସବୁ ସଫା କରି ଦେଇଥିଲେ। ପରେ ଭବାନୀ ପିନ୍ଧିଥିବା ଗୋଡ଼ର ପାଉଁଜି ମସିଆ ହୋଇଯାଇଥିବାରୁ ତାକୁ ମଧ ସେମାନେ ପାଉଡ଼ର ପକାଇ ସଫା କରିଥିଲେ। ଏହି ସମୟରେ ଭବାନୀ ବେକରେ ପିନ୍ଧିଥିବା ଏକ ସୁନା ଚେନ୍ ମସିଆ ହୋଇଯାଇଛି ଓ ତାକୁ ଦେଲେ ସଫା କରିଦେବେ ବୋଲି ଯୁବକ ଦ୍ୱୟ ତାଙ୍କୁ କହିଥିଲେ ବୋଲି ନିରଞ୍ଜନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏ କଥାରେ ଭବାନୀ ପ୍ରଥମେ ବିଶ୍ୱାସ କରି ନ ଥିଲେ ମଧ ପରେ ବେକରୁ ସୁନା ଚେନ୍ ବାହାର କରି ସଫା କରିବାକୁ ଯୁବକଦ୍ୱୟଙ୍କୁ ଦେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଉଭୟ ଯୁବକ ଏକ ଲଫାପାରେ ଚେନ୍‌ଟିକୁ ପୁରାଇ କେମିକାଲ୍ ପାଉଡ଼ର ତା ଭିତରେ ରଖି ଷ୍ଟାପଲର ମାରି ଲଫାପା ଟିକୁ ଭବାନୀଙ୍କୁ ଦେଇ ଦେଇଥିଲେ ଏବଂ ଏହି ଲଫାପା ୧୫ ମିନିଟ୍ ଫ୍ରିଜ୍‌ରେ ରଖିଲେ ପାଉଡରଟି ପାଣି ହୋଇଯିବ ଓ ଚେନ୍‌ଟି ଅଧିକ ଚିକ୍ ଚିକ୍ କରିବ ବୋଲି କହି ଯୁବକ ଦ୍ୱୟ ସେ ସ୍ଥାନରୁ ପଳାଇ ଯାଇଥିଲେ। ୧୫ ମିନିଟ୍ ପରେ ଭବାନୀ ଫ୍ରିଜ ଖୋଲି ଲଫାପାକୁ ଚିରିବା ପରେ ଲଫାପା ମଧରେ କେବଳ କେତୋଟି ଗୋଡ଼ି ରହିଥିବା ଦେଖିବାକୁ ପାଇଥିଲେ। ସୁନା ଚେନ୍‌ଟି ୨୫ ଗ୍ରାମ ଓଜନର ହୋଇଥିବା ବେଳେ ଏହାର ମୂଲ୍ୟ ପାଖାପାଖି ୧ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ନିରଞ୍ଜନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଯୁବକ ଦ୍ୱୟ ଉଭୟ ବଙ୍ଗଳା ଓ ହିନ୍ଦିରେ କଥା ହେଉଥିବା ବେଳେ ସେମାନଙ୍କ ଘର ବାଂଲାଦେଶ ବୋଲି ଭବାନୀଙ୍କୁ ସେମାନେ କହିଥିବା ନିରଞ୍ଜନ ପ୍ରକାଶ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ ୬୨/୨୪ରେ ମାମଲା ରୁଜୁ ହେବା ସହ ନିରଞ୍ଜନଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜ୍ୟୋତିସ୍ମିତା


@ ପଞ୍ଚାନନ


@ ପ୍ରମୋଦ


@ ସମ୍ବିତ୍


@ ଗୁରୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେକର ବେଦାନ୍ତର ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

କାଳିଆପାଣି,୨୪।୧(ଅସିତ ମହାନ୍ତ):

ଫେକର ବେଦାନ୍ତ କମ୍ପାନୀ ପକ୍ଷରୁ ଗୁରୁଜଙ୍ଗ ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ କମ୍ପାନୀ ପରିବହନ ମୁଖ୍ୟ ଅଜୟ ପାତ୍ର, ଜିଲା ପରିଷଦ ସଭ୍ୟା, କାଳିଆପାଣି ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବେଦାନ୍ତ ଖଣି ସଂଲଗ୍ନ ଗୁରୁଜଙ୍ଗ ଗାଁରେ ଜାନୁଆରୀ ଆରମ୍ଭରୁ ପାନୀୟ ଜଳ ସଙ୍କଟ ଦେଖାଦିଏ। ଏହାକୁ ନେଇ ଗ୍ରାମବାସୀ ରାଜନେତା ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ହେଲେ କେହି କର୍ଣ୍ଣପାତ ନ କରିବାରୁ ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ଏହି ପ୍ରକଳ୍ପ ନିର୍ମାଣ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଗୁରୁଜଙ୍ଗ ଏବଂ ଓସ୍ତପାଳ ଗ୍ରାମର ୫୦ ପରିବାର ଉପକୃତ ହେବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଜବରଦଖଲ ସମସ୍ୟାରେ କେନ୍ଦ୍ରାପଡ଼ା ସହର

■ ପ୍ରକଳ୍ପର ଉପଯୋଗିତାକୁ ନେଇ ଉଠିଲାଣି ପ୍ରଶ୍ନ
■ ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ସ୍ଥାପନ ହେଉ

କେନ୍ଦ୍ରାପଡ଼ା,୨୪।୧ (ଜଗନ୍ନାଥ ଧଳ)

ରାଜ୍ୟର ସର୍ବପ୍ରଥମ ପୌରାଞ୍ଚଳ ଘୋଷିତ କେନ୍ଦ୍ରାପଡ଼ା ସହର ଜବରଦଖଲ ସମସ୍ୟାରୁ ନିସ୍ତାର ପାଉନାହିଁ। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଜବରଦଖଲ ସମସ୍ୟାକୁ ଗୁରୁତର କରୁଛି। ୧୮୬୯ରେ ସ୍ଥାପିତ ଏହି ପୌରାଞ୍ଚଳ ଅଧିବାସୀ ସହରକୁ ବିକଶିତ ଦେଖିବା ପାଇଁ ଏବେବି ମାଷ୍ଟର ପ୍ଲାନ ଅପେକ୍ଷାରେ ଅଛନ୍ତି। ମନମୁଖୀ ପ୍ରକଳ୍ପ ନିର୍ମାଣ ଓ ଜବରଦଖଲ ସହରକୁ ସଙ୍କୁଚିତ କରୁଥିବା ବେଳେ ଜଳ ନିଷ୍କାସନ ଏକ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ଐତିହ୍ୟ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ଦାବି ହେଉଛି।

ଏ ସମ୍ପର୍କରେ ସହରର ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ସିଂହ, ବିଜୟ କୁମାର ମଣ୍ଡଳ, ଅସିତ କୁମାର ମହାପାତ୍ର, କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତି, ଏହି ଜିଲାରେ ବିଶ୍ୱବାସୀଙ୍କ ଆକର୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ସେହିପରି ରାଜ୍ୟର ଏକମାତ୍ର ଜିଓ ଟିଉବୱାଲ, ହୁକିଟୋଲାଠାରୁ ଆରମ୍ଭ କରି ସହର ମଧରେ ଆଧ୍ୟାତ୍ମିକସ୍ଥଳ ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ଅଛି। ପ୍ରଚାର ପ୍ରସାର ପରେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। କେନ୍ଦ୍ରାପଡ଼ା ସହର ଏହାର ମଧ୍ୟସ୍ଥଳରେ ଥିବା ବେଳେ ସହରବାସୀଙ୍କ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୮୦ ହଜାର ହୋଇଛି। ଆଗାମୀ ଦିନରେ ସହରର ପରିସୀମା ବୃଦ୍ଧିର ପ୍ରସ୍ତାବ ରହିଛି। କୌଣସି ଅଞ୍ଚଳର ବିକାଶ ପାଇଁ ଚିନ୍ତା କଲେ ଆଗାମୀ ୫୦ ବର୍ଷର ସମ୍ଭାବନା ଏଥିରେ ସାମିଲ କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ରାସ୍ତାଠାରୁ ଜଳ ନିଷ୍କାସନ, ରାତ୍ରିକାଳୀନ ରହଣିଠାରୁ ଭେଣ୍ଡିଂ ଜୋନର ଅବସ୍ଥିତି ପ୍ରତି ସଚେତନ ହେବାକୁ ପଡ଼ିବ। ତେବେ ୨୫ବର୍ଷ ପୂର୍ବେ ପ୍ରତିଷ୍ଠିତ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କାର୍ଯ୍ୟାଳୟ ଏକ ସାଇନ୍‌ବୋର୍ଡ ମଧରେ ସୀମିତ ରହିଛି। ପ୍ରକଳ୍ପର ଅନୁମୋଦନ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉ ନାହିଁ। ଜିଲାର ବ୍ୟସ୍ତବହୁଳ ତିନିମୁହାଣି ଛକ ଏବେ ଟ୍ରାଫିକ ସମସ୍ୟାରେ ଅଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସହ ସହର ମଧକୁ ଏହା ସଂଯୋଗସ୍ଥଳ। ଏହାବ୍ୟତୀତ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିରେ ଅଛନ୍ତି। ତିନିମୁହାଣି ଛକକୁ ଅଧିକ ପ୍ରଶସ୍ତ ଓ ଯାତାୟାତ ପାଇଁ ଏହାର ସମ୍ପ୍ରସାରଣ ଜରୁରୀ ହୋଇଛି। ଏଥିପାଇଁ ନିକଟରେ ଥିବା ଚଟିପୋଲଠାରୁ ନୂତନ ରାସ୍ତା ନିର୍ମାଣାଧୀନ ଅଛି। ତେବେ ତିନିମୁହାଣି ଛକରେ ଏକାଧିକ ପ୍ରକଳ୍ପ ଟ୍ରାଫିକ ସମସ୍ୟାକୁ ଉତ୍କଟ କରିଛି। ଏଠାରେ ଗାନ୍ଧୀ ସ୍ମୃତି ନାମରେ ଏକ ପିଣ୍ଡି ନିର୍ମାଣ ହୋଇଛି। ସେହିପରି ଶୌଚାଳୟ ଓ ଆଇ ଲଭ୍ କେନ୍ଦ୍ରାପଡ଼ା ପ୍ରତୀକ ରହିଥିବାରୁ ରାସ୍ତା ଉପରେ ବାଇକ୍‌ଠାରୁ ଅଟୋର ଭିଡ଼ ଜମୁଛି। ସହରର ପ୍ରବେଶ ପଥରେ ଭେଣ୍ଡିଂ ଜୋନ୍ ପାଇଁ ବ୍ୟବସ୍ଥା ହୋଇଛି। ଏହା ସହିତ ପରିସୀମା ବୃଦ୍ଧି ହୋଇଥିବାରୁ ଏଠାରେ ଥିବା ଗେଟ୍‌ର ପ୍ରାସଙ୍ଗିକତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତିନିମୁହାଣି ଛକ ନିକଟରେ ଥିବା ଇଣ୍ଡଷ୍ଟ୍ରିଆଲ ଏରିଆରେ ଭେଣ୍ଡି ଜୋନ୍‌ଠାରୁ ଆରମ୍ଭ କରି ଶୌଚାଳୟ, ଗାନ୍ଧୀ ସ୍ମୃତିପୀଠ, ଐତିହ୍ୟ ମ୍ୟୁଜିୟମ ଆଦି ହୋଇପାରିଥା'ନ୍ତା। ଫଳରେ ଆଗାମୀ ଦିନରେ ସହରର ଯାତାୟାତ ସହିତ ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଭାଗୀଦାରି ରହିଥା'ନ୍ତା। ଜିଲାର କୃଷି ପରି ପର୍ଯ୍ୟଟନ ଶିଳ୍ପ ଆର୍ଥିକ ଉନ୍ନତି ଆଣିପାରିବ। ଜିଲାରେ ଶିଳ୍ପ ପ୍ରତିଷ୍ଠା ପରେ ସହରର ଭୂମିକା କମ୍ ନୁହେଁ। ସହର ମଧରେ ଥିବା ଯାତ୍ରୀ ନିବାସ, ରାତ୍ର ରହଣିସ୍ଥଳ, କଲ୍ୟାଣ ମଣ୍ଡପ, ଇଚ୍ଛାପୁରରେ ଥିବା ପର୍ଯ୍ୟଟନ ବିଭାଗ ନିବାସର ଉପଯୋଗିତାକୁ ଅନୁଧ୍ୟାନ ଆବଶ୍ୟକ। ଆଗାମୀ ଦିନରେ ଜିଲା ବାହାର ଲୋକଙ୍କୁ ଏଠାରେ ରହିବା ସମସ୍ୟା ସୃଷ୍ଟି କରିବ। ଜିଲାରେ ବିକ୍ଷିପ୍ତ ଭାବେ ଥିବା ଐତିହ୍ୟ ସ୍ମାରକୀ ପାଇଁ ମ୍ୟୁଜିୟମ ପାଇଁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଜବରଦଖଲ ମୁକ୍ତ ନ ହେଲେ ସହର ମଧରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରିବନି ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ବିଭିନ୍ନ ପ୍ରକଳ୍ପର ଅବସ୍ଥିତି ଓ ସମସ୍ୟା ସମ୍ପର୍କରେ ସମୀକ୍ଷା ହୋଇଛି। ଏକ ସୁନ୍ଦର ସହର ଗଠନ ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକରେ ଟ୍ରାଫିକ୍ ଜାମ୍ ହୋଇଛି ।

# ଭ୍ରୂଣହତ୍ୟା ଉପରେ ଲାଗୁନି ରୋକ୍

ନୟାଗଡ଼,୨୪ା୧(ଲୋକନାଥ ମିଶ୍ର)

## ବିନା ପ୍ରେସ୍କ୍ରିପ୍ସନରେ ବିକ୍ରି ହେଉଛି ଗର୍ଭପାତ ଔଷଧ

ନୟାଗଡ଼ ଜିଲାରେ ଭ୍ରୂଣହତ୍ୟାରେ ରୋକ୍ ଲାଗି ପାରୁନି। ବିନା ପ୍ରେସକ୍ରିପସନରେ ଜିଲାର ବିଭିନ୍ନ ଔଷଧ ଦୋକାନରେ ଗର୍ଭପାତ ମେଡିସିନ୍ ବିକ୍ରି ହେଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ରୋକ୍ ଲଗା ଯାଉନି। ଅନ୍ୟପକ୍ଷେ ଏ ନେଇ ତଦନ୍ତ ମଧ୍ୟ ହେଉନି। କିଛି ଔଷଧ ଦୋକାନୀ ଗର୍ଭପାତ ମେଡସିନ ଦେଇ ଗର୍ଭପାତ କରାଉଥିବା ଅଭିଯୋଗ ରହିଛି। ଏଭଳି ଅଭିଯୋଗକୁ ଅଣଦେଖା କରାଯାଉଥିବାରୁ ଭ୍ରୂଣହତ୍ୟା ଉପରେ ରୋକ୍ ଲାଗି ପାରୁନି।

### ଅନଭିଜ୍ଞ କରୁଛନ୍ତି ଅଲଟ୍ରାସାଉଣ୍ଡ ପରୀକ୍ଷଣ

ଗାଇନିକ୍, ସର୍ଜରୀ, କ୍ୟାନସର ପରିରୋଗର ଅଲଟ୍ରାସାଉଣ୍ଡକୁ କିଛି ଅନଭିଜ୍ଞ ଲୋକ ନୟାଗଡ଼ରେ କରୁଛନ୍ତି ବୋଲି ଅଭିଯୋଗ ଉଠିଛି। ଏଣୁ ରିପୋର୍ଟ ଭୁଲ ଆସୁଛି। ରେଡିଓଲୋଜିଷ୍ଟ, ଓଜି ସେପଶାଲିଷ୍ଟ, ୬ମାସ ତାଲିମ ନେଇଥିବା ଏମ୍‌ବିବିଏସ୍ ଡା. ଅଲଟ୍ରାସାଉଣ୍ଡ କରିପାରିବେ। କିନ୍ତୁ ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକରେ ଧରପଗଡ଼ ନ ଥିବାରୁ ଅନଭିଜ୍ଞ ଲୋକ ବେଳେ ବେଳେ ଅଲଟ୍ରାସାଉଣ୍ଡ କରୁଥିବା କୁହାଯାଉଛି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟପକ୍ଷେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବା ଦରକାର ବୋଲି କୁହାଯାଉଛି।

### ଶୀତଳଭଣ୍ଡାରରେ ଧରପଗଡ଼

ମେଡିକାଲ ଟର୍ମିନେଶନ ଅଫ ପ୍ରେଗନେସି ଆକ୍ଟରେ ଅନୁମତି ନ ପାଇ ମଧ୍ୟ ନୟାଗଡ଼ ଜିଲାର ବିଭିନ୍ନ ଘରୋଇ ହସ୍ପିଟାଲରେ ଭ୍ରୂଣ ହତ୍ୟା ଚାଲିଛି। ଏଭଳିଆ ଅଭିଯୋଗ ବହୁ ଦିନ ହେଲା ହୋଇ ଆସୁଛି। ୨୦୨୧ ଅଗଷ୍ଟ ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟର ପଛପାଖ ଆନନ୍ଦ ଭବନରେ ଚାଲିଥିବା ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଭ୍ରୂଣ ହତ୍ୟା ଧରା ପଡ଼ିଥିଲା। ଏହି ଘଟଣାରେ ଘରୋଇ ହସ୍ପିଟାଲର ମାଲିକ, ୨ ନର୍ସ, ଦଲାଲ ସମେତ ୫ ଜଣ ଗିରଫ ହୋଇ ଜେଲ ଯାଇଥିଲେ। ୨ୟ ଥର ଭ୍ରୂଣ ହତ୍ୟା ପ୍ରମାଣିତ ହେବା ପରେ ନୟାଗଡ଼ ଜିଲାରେ ବିଭିନ୍ନ ସମୟରେ ଚଢ଼ାଉ ଓ ଧରପଗଡ଼ ତ୍ୱରାନ୍ୱିତ ହେବ ବୋଲି ଆଶ କରାଯାଉଥିଲା। ତେବେ ଘଟଣା ସମୟରେ କେତୋଟି ହାତଗଣତି ଘରୋଇ କ୍ଲିନିକ୍ ଓ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ପରେ ଧରପଗଡ଼ ଓ ଚଢ଼ାଉ ଶୀଳଭଣ୍ଡାରରେ ପୁଣି ରହିଗଲା। ସ୍ୱାସ୍ଥ୍ୟ ବିଭାଗର ଧରପଗଡ଼ ନ ଥିବାରୁ ଜିଲାରେ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ଠିକ୍‌ରେ କାମ କରୁନାହିଁ ବୋଲି ପୁଣି ଅଭିଯୋଗ ଉଠିଲାଣି। ଭ୍ରୂଣହତ୍ୟା ଚିହ୍ନଟ ପରେ କିଛି ଦିନ ଚଢ଼ାଉ ଭୟରେ ଏହା ବନ୍ଦ ହୋଇଯାଇଥିଲା। ହେଲେ ରୋଜଗାରର ମୋହ ପୁଣି କିଛି ଘରୋଇ କ୍ଲିନିକ୍‌ରେ ଭ୍ରୂଣ ହତ୍ୟା କରାଯାଉଛି ବୋଲି କୁହଯାଉଛି। ପ୍ରକାଶଥାଉକି ୨୦୦୭ ଜୁଲାଇ ୧୪ ରେ ନୟାଗଡ଼ର ଡୁବୁରି ପାହାଡ଼ ପାଦ ଦେଶରେ ୬ଟି ଅପରିପକ୍ୱ ଶିଶୁର ମୃତଦେହ ମିଳିଥିଲା। ଏହା ପରେ ନୟାଗଡ଼ ଭ୍ରୂଣହତ୍ୟା କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିଲା।

### ଘରୋଇ ହସ୍ପିଟାଲର ମନମାନି ବଢୁଛି

ନୟାଗଡ଼ ଜିଲାରେ ଘରୋଇ ହସ୍ପିଟାଲ ସରକାରୀ ନିର୍ଦ୍ଦେଶକୁ ଫୁଁ କରି ଉଡାଇ ଦେଉଥିବା ବେଳେ ସେମାନଙ୍କର ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଘରୋଇ ହସ୍ପିଟାଲରେ ଇନ୍‌ଡୋର ରେଜିଷ୍ଟର, ଆଉଟ୍ ଗୋଇଙ୍ଗ ରେଜିଷ୍ଟର, ଅପରେଶନ ଥିଏଟର ରେଜିଷ୍ଟର, ଘରୋଇ ହସ୍ପିଟାଲକୁ ଆସୁଥିବା ଡାକ୍ତରଙ୍କ ନାଁ ଓ ଡାକ୍ତର କେତେ ଟଙ୍କା ଫିସ୍ ନେଉଛନ୍ତି ସେନେଇ ରେଜିଷ୍ଟର କରି ଲିପିବିଧ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ନିୟମ ଶୀତଳଭଣ୍ଡାରରେ ପଡ଼ି ରହିଛି। ଏଣୁ ଭ୍ରୂଣ ହତ୍ୟା, ନକଲି ଡାକ୍ତର ପରି ପ୍ରସଙ୍ଗକୁ ରୋକ୍ ଲଗା ଯାଇପାରୁନି। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଥିଲେ ଭ୍ରୂଣ ହତ୍ୟା, ନକଲି ଡାକ୍ତର ପରି ଘଟଣା ଆସନ୍ତା ନାହିଁ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ମାନସିକତାରେ ପରିବର୍ତ୍ତନ ନ ଆସିଲେ କିଛି କରି ହେବନି। ତେବେ ଭ୍ରୂଣହତ୍ୟା ରୋକିବାକୁ ସଚେତନତା ଦରକାର। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି। ଆଗକୁ ଚଢ଼ାଉ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି।

# ୨ସ୍ୱର୍ଣ୍ଣ, ୧ ରୌପ୍ୟ ଜିତିଲେ ରିତିକ

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା


ଏମ. ରିତିକ ରଞ୍ଜନ ମହାପାତ୍ର

ନୟାଗଡ଼,୨୪ା୧(ଲୋକନାଥ ମିଶ୍ର)

ରାଜସ୍ଥାନର ସବାଇ ମାଧପୁରଠାରେ ଜାତୀୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ନୟାଗଡ଼ ସହର ରାଜବଗିଚାର ଏମ. ରିତିକ ରଞ୍ଜନ ମହାପାତ୍ର ସିନିୟର ପୁମସି ଷ୍ଟାଇଲରେ ଓ ନୂଆ ପୁମସି ଇଭେଣ୍ଟରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ସବାଇ ମାଧପୁରଠାରେ ୪୦ତମ ଜୁନିୟର ଓ ୩୯ତମ ସିନିୟର ଜାତୀୟ କିରୋଗୀ ଟାଏକୋଣ୍ଡା ପ୍ରତିଯୋଗିତା ହୋଇଥିଲା। ସେହିଭଳି ରାଜସ୍ଥାନର ସବାଇ ମାଧପୁରଠାରେ ଅନୁରୂପ ଭାବେ ୧୩ତମ ଜୁନିୟର ଓ ୧୨ତମ ସିନିୟର ପୁମସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ଓ ରାଜସ୍ଥାନ ଟାଏକୋଣ୍ଡୋ ସଂଘ ଅନୁକୂଲ୍ୟରେ ସମ୍ପୃକ୍ତ ପ୍ରତିଯୋଗିତା ହେଉଥିଲା। ନୟାଗଡ଼ ଜିଲାରୁ ଏମ. ରିତିକ ରଞ୍ଜନ ମହାପାତ୍ର ଓଡ଼ିଶା ଟିମ୍‌ରେ ସ୍ଥାନ ପାଇ ଜାତୀୟ ସ୍ତରରେ ଖେଳିଥିଲେ। ପ୍ରକାଶଥାଉ କି ପୁରୀର ରାଣୀସତୀ ଭବନଠାରେ ଜାନୁଆରୀ ୬ ଓ ୭ ତାରିଖ ହୋଇଥିବା ରାଜ୍ୟ ସ୍ତରୀୟ ଟାଏକୋଣ୍ଡୋ ବରିଷ୍ଠ ବର୍ଗର ପ୍ରତିଯୋଗିତାର ପୁରୁଷ ମହିଳା ବିଭାଗରେ ୬୩ କେଜି ୱେଟ କାଟାଗୋରୀରେ ନୟାଗଡ଼ ଜିଲାର ଏମ. ରିତିକ ରଞ୍ଜନ ମହାପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରି ରାଜସ୍ଥାନରେ ଜାତୀୟ ସ୍ତରକୁ ଉନ୍ନୀତ ହୋଇଥିଲେ। ପୁରୀରେ ୩୫ତମ ରାଜ୍ୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ହେଉଥିଲା। ରାଜ୍ୟର ୧୫ଟି ଜିଲାର ୨୦୦ ପୁରୁଷ ମହିଳା ଟାଏକୋଣ୍ଡୋ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରିତିକ ନୟାଗଡ଼ ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ କୋଚ ଭାବେ କାମ କରୁଛନ୍ତି।

# ବଜରଙ୍ଗୀ କ୍ଲବ ଘାଟିକିଆ, ଭୁବନେଶ୍ୱର ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ନୟାଗଡ଼,୨୪ା୧(ଲୋକନାଥ ମିଶ୍ର)

## ଗୋଡିପଡ଼ା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନୟାଗଡ଼ ଜିଲାର ଗୋଡ଼ିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ଖେଳ ପଡ଼ିଆରେ ଚାଲୁ ରହିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ବୁଧବାର ଫାଇନାଲ ଖେଳରେ ବଜରଙ୍ଗୀ କ୍ଲବ ଭୁବନେଶ୍ୱର ଘାଟିକିଆ ୩-୧ ଗୋଲରେ ସାନ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୮ତମ ମିନିଟ୍ ଓ ୨୭ତମ ମିନିଟ୍‌ରେ, ୨ୟାର୍ଦ୍ଧ ଖେଳର ୧୫ତମ ମିନିଟ୍‌ରେ ବଜରଙ୍ଗୀ କ୍ଲବ ଘାଟିକିଆ, ଭୁବନେଶ୍ୱର ଦଳର ଚନ୍ଦନ ନାୟକ ଏକକାଳୀନ ୩ଟି ଗୋଲ କରି ଚର୍ଚ୍ଚାକୁ ଆସିଥିଲେ। ସାନ କ୍ଲବ ଭୁବନେଶ୍ୱର ଦଳର ୧୨ ନଂ. ଦର୍ସି ଖେଳାଳି ମହେନ୍ଦ୍ର କୁମାର ୨ୟାର୍ଦ୍ଧ ଖେଳର ୨୨ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ତେବେ ଖେଳ ସମାନ ସ୍ଥିତିକୁ ଆସି ପାରି ନ ଥିଲା। ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଅନୁରୂପ ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳ ବଜରଙ୍ଗୀ କ୍ଲବ ଘାଟିକିଆ, ଭୁବନେଶ୍ୱରକୁ ୧୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ ଦଳ ସାନ୍ କ୍ଲବ ଭୁବନେଶ୍ୱରକୁ ୫ ହଜାର ଟଙ୍କା ସହ କପ ପ୍ରଦାନ କରିଥିଲେ। ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ସଭାପତି ଚିତ୍ତ ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ପିଲୁ ଦାଶ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସଂଯୋଜକ ଉପେନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଖେଳ ପରିଚାଳନା ପ୍ରସନ୍ନ ନାୟକ କରିଥିବାବେଳେ ବିସ୍ମୟ ସତ୍ୟ ସୁନ୍ଦର, ପ୍ରତାପ ମୁଦୁଲି, ରୁଦ୍ର ମହାପାତ୍ର ଓ ପ୍ରିୟ ରଞ୍ଜନ ସାମନ୍ତସିଂହାର ସହଯୋଗ କରିଥିଲେ। ମ୍ୟାଚ କମିଶନର ଭାବେ ଦୟାଲ ଖାନ କାର୍ଯ୍ୟ ତୁଲାଇ ଥିଲେ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଜେଲ ଗଲେ ସ୍ୱାମୀ

ନୟାଗଡ଼,୨୪ା୧(ଲୋକନାଥ ମିଶ୍ର)

## ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଇଥିଲେ

ଶରଣକୁଳ ଥାନା ପୋଲିସ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପେଟାପଲ୍ଲୀ ଗାଁର ସଞ୍ଜୀବ ଦୋରାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସଞ୍ଜୀବଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, କଲ୍ୟାଣପୁର ଗ୍ରାମର ପୀତାମ୍ବର ମହାପାତ୍ରଙ୍କ ସାନ ଝିଅ ବିଷ୍ଣୁପ୍ରିୟା (୨୦) ପେଟାପଲ୍ଲୀ ଗ୍ରାମର ଅଖିଳ ଦୋରାଙ୍କ ପୁଅ ସଞ୍ଜୀବଙ୍କୁ ୮ ମାସ ତଳେ ଭଲ ପାଇ ବିବାହ କରିଥିଲେ। ଦୁହେଁ ୨ ମାସ ପେଟାପଲ୍ଲୀରେ ରହିବା ପରେ କଲ୍ୟାଣପୁରରେ ଆସି ରହୁଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲେ ମଧ୍ୟ ପୁଣି ସମାଧାନ ହୋଇ ଯାଉଥିଲା। ସୋମବାର ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହୋଇଥିଲା। ସ୍ୱାମୀ ସଞ୍ଜୀବ ଘରୁ ବାହାରି ଚାଲିଯାଇଥିଲେ। ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଇଥିଲେ। ମଙ୍ଗଳବାର ସକାଳେ ମଇଁଷି ଗୋଠପଲ୍ଲୀ ଜଙ୍ଗଲ ମଧ୍ୟରେ ଥିବା ସାଗୁଆନ ଗଛରେ ବିଷ୍ଣୁପ୍ରିୟା ନିଜ ଓଢ଼ଣୀ ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ। ଖବରପାଇ ବଡ଼ ଭଉଣୀ ଝୁନା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସାନ ଭଉଣୀ ବିଷ୍ଣୁପ୍ରିୟାଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ମୃତ୍ୟୁ ଘଟିଥିଲା। ଏ ନେଇ ବଡ଼ ଭଉଣୀ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ପୁଷ୍ପଲତା ବେହେରା ଘଟଣାର ତଦନ୍ତ କରି ନଂ. ୨୩/୨୪ରେ ମାମଲା କରି ସ୍ୱାମୀ ସଞ୍ଜୀବଙ୍କୁ ଗିରଫ କରିଥିଲେ।

# ୭୫ ସ୍ମାର୍ଟ ବିଦ୍ୟାଳୟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୟାଗଡ଼,୨୪ା୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଚତୁର୍ଥ ପର୍ଯ୍ୟାୟରେ ୭୫ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟକୁ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ତଥା ନବୀନ ଓଡ଼ିଶା ଯୋଜନା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ଲୋକର୍ପଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଉପରୋକ୍ତ ସ୍କୁଲର ଲୋକର୍ପଣ ହୋଇଛି। ନୟାଗଡ଼ ବ୍ଲକ ନୋତର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଶ୍ରେୟା ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ହାଇସ୍କୁଲ ରୂପାନ୍ତୀକରଣ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରୁଛି ବୋଲି କହିଥିଲେ। ରାଜ୍ୟ ସରକାରଙ୍କର ମୋ ସ୍କୁଲ ଅଭିଯାନରେ ଆସିଥିବା ଅନୁଦାନରେ ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନଗାର, ଇ' ଲାଇବ୍ରେରୀ, ଖେଳପଡ଼ିଆ, ସୁଦୃଶ ତୋରଣ, ଶୌଚାଳୟ, ଆସବାବପତ୍ର, ପ୍ରାଚିର ଆଦି ନିର୍ମାଣ କରାଯାଇଛି। ସ୍ମାର୍ଟ କ୍ଲାସରୁମ୍‌ରେ ସାଇନ୍ସ ଲ୍ୟାବ, ସ୍ପୋର୍ଟ ରୁମ୍‌ର ବ୍ୟବସ୍ଥା ଅଛି। ପ୍ରକାଶ ଯେ, ପ୍ରଥମ ପର୍ଯ୍ୟାୟରେ ୫ଟି ହାଇସ୍କୁଲ ୮ଟି, ୨ୟ ପର୍ଯ୍ୟାୟରେ ୬୦ଟି ଓ ତୃତୀୟ ପର୍ଯ୍ୟାୟରେ ୬୪ ଲୋକର୍ପିତ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଭାପୁର ବ୍ଲକର ୭, ଦଶପଲ୍ଲାର ୯, ଗଣିଆର ୧, ଖଣ୍ଡପଡ଼ାର ୯, ନୟାଗଡ଼ର ୧୧, ନୂଆଗାଁର ୬, ଓଡ଼ଗାଁର ୧୭, ରଣପୁର ବ୍ଲକର ୧୫ ସ୍କୁଲ ଲୋକାର୍ପିତ ହୋଇଛି। ଶେଷରେ ସାଂସ୍କୃତିକ ଆସର ଲାଗି ରହିଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ଅଧ୍ୟକ୍ଷ, ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ନୂଆଗାଁ, ୨୪ା୧ (ଧନେଶ୍ୱର ସାହୁ)

## ବାହାଡ଼ାଝୋଲା-ସୁନାମୁହିଁ ରାସ୍ତା

■ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟରେ ଠିକ୍ ଭାଗମାପ ରହୁନି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଝୋଲା-ସୁନାମୁହିଁ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବାରୁ ଗ୍ରାମବାସୀ ବୁଧବାର ବିରୋଧ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ନ ଆସିଲେ କାମ ହେବ ନାହିଁ ଗ୍ରାମବାସୀ ରୋକଠୋକ୍ ମନା କରି ଦେଇଛନ୍ତି। ସୂଚନା ମୁତାବକ, ନୂଆଗାଁ ବ୍ଲକ ମହିପୁରଠାରୁ ସୁନାମୁହିଁ ରାସ୍ତା ଅତି ଦୟନୀୟ ହୋଇ ଯାଇଥିଲା। ଯାନବାହାନ ଓ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପୂର୍ତ୍ତ ବିଭାଗ ମାଧ୍ୟମରେ ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇ ଅନୁଦାନ ମଞ୍ଜୁର କରିଛନ୍ତି। ବାହାଡ଼ାଝୋଲାଠାରୁ ସୁନାମୁହିଁ ପ୍ରାୟ ୧୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୧୪ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର ମାଧ୍ୟମରେ କାମ ଚାଲିଛି। ତେବେ କାର୍ଯ୍ୟାରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ନିର୍ମାଣ କାର୍ଯ୍ୟର ସମସ୍ତ ତଥ୍ୟ ଥାଇ ସୂଚନା ଫଳକ ଲଗାଇବାର ନିୟମ ରହିଥିବା ବେଳେ ତାହା ଏଠାରେ ନାହିଁ। ଫଳରେ ରାସ୍ତା ନିର୍ମାଣ କେଉଁଠାରୁ କେଉଁ ପର୍ଯ୍ୟନ୍ତ, କେତେ କିଲୋମିଟର କରାଯିବା ପାଇଁ କେତେ ଟଙ୍କା ଅନୁଦାନ ଦିଆଯାଇଛି ଏବଂ କେଉଁ ସ୍ଥାନରେ ପିଚୁ, କେଉଁ ସ୍ଥାନରେ କଂକ୍ରିଟ କରାଯିବ, ତାହାର ପରିମାଣ ବାବଦରେ କେହି ଜାଣି ପାରୁନାହାନ୍ତି। ଏହାର ସୁଯୋଗରେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବୁଧବାର ବନ୍ଧାମୁହିଁ ଗ୍ରାମରେ ଅଧିକ ବାଲି, କମ୍ ଚିପସ ଓ କମ ସିମେଣ୍ଟ ଦେଇ କାମ କରାଯାଉଥିବା ଜାଣିବା ପରେ ସ୍ଥାନୀୟ ଲୋକ, ଜନପ୍ରତିନିଧି ଓ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କଂକ୍ରିଟ କାମରେ ବ୍ୟବହାର ହେଉଥିବା ବାଲିରେ ଅନେକ ମାଟି ଥିବା ଲୋକମାନେ ଅଭିଯୋଗ କରିଥିଲେ। ତେବେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଇବା ସହ ଯନ୍ତ୍ରୀ ଆସିଲେ କାମ ଆରମ୍ଭ ହେବ ବୋଲି ଲୋକମାନେ କହିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରାଙ୍କୁ ପଚାରିବାରେ ଯେତେ ସ୍ଥାନରେ କାମ ହେଉଛି ସବୁଠାରେ ନିଜେ ଉପସ୍ଥିତ ରହି କାମ କରାଇବା ସମ୍ଭବ ନୁହେଁ। ତେଣୁ ଜଣେ ବ୍ୟକ୍ତିଙ୍କୁ ନିୟୋଜିତ କରାଇ କାର୍ଯ୍ୟ ତଦାରଖ କରୁଛି। ତେବେ ଠିକ୍ ଭାଗମାପରେ କାମ କରାଇବା ପାଇଁ ନିୟୋଜିତ ବ୍ୟକ୍ତିଙ୍କୁ ତାଗିଦ କରାଯିବ ବୋଲି ସେ କହିଥିଲେ।


ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ କାମକୁ ଗ୍ରାମବାସୀ ବନ୍ଦ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିସ୍ମିତା


@ ପଞ୍ଚାନନ


@ ପ୍ରମୋଦ


@ ଗୁରୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ

ଖଣ୍ଡପଡ଼ା,୨୪ା୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଆସନ୍ତା ୨୬ତାରିଖ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆୟୋଜିତ ହେବାକୁ ଥିବା ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିବେ। ଏଥି ପୂର୍ବରୁ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ପରେଡ ଅଭ୍ୟାସ କରିଥିଲେ। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଲା ନାଥ ଓ ପଠାଣି ସାମନ୍ତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସତ୍ୟଜିତ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୮ଟି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ପରେଡ ଅଭ୍ୟାସ କରୁଥିବା ଜଣାପଡିଛି।

